CMYK

- Vol.- 45, Issue No.11
- Friday, 11 April 2025
- ଶୁକ୍ରବାର, ୧୧ ଏପ୍ରିଲ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline



DSPL-24



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭାରମ୍ଭ

### ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ) ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର ନୂଆ ଏକକ କାର୍ଡ଼ ବିତରଣ

### ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

**ମୁଖ୍ୟ ଅତିଥି**

ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

ଶ୍ରୀ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡ଼. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ଣ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**

OIPR-10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର


CMYK

ନବପ୍ରଭାତ



# ବିଚିତ୍ର ମନ୍ଦିର
## ଯେଉଁଠି ଭଲ ହୁଏ ରୋଗ

**କେବଳ ଲୁଣ ଓ ଗୁଡ଼ରେ ଭଗବାନ ହୁଅନ୍ତି ସନ୍ତୁଷ୍ଟ**



ବୈଥୀଶ୍ୱରନ କୋଏଲ ପ୍ରଭୁ ଶିବ ମନ୍ଦିର ଏକ ପ୍ରସିଦ୍ଧ ହିନ୍ଦୁ ମନ୍ଦିର। ଏହା ଭାରତର ତାମିଲନାଡୁ ରାଜ୍ୟରେ ସ୍ଥିତ। ଏହି ମନ୍ଦିର ଖୁବ୍ ଲୋକପ୍ରିୟ ଓ ପ୍ରସିଦ୍ଧ ମଧ୍ୟ। ଏହି ମନ୍ଦିର ଦେବତାଙ୍କୁ ସ୍ୱାସ୍ଥ୍ୟର ଦେବତା ରୂପେ ଜଣାଶୁଣା। ଏଠାରେ ବୈଥୀଶ୍ୱରନଙ୍କ ରୂପରେ ପୂଜା କରାଯାଏ । ଏହାର ଅର୍ଥ ଚିକିତ୍ସାର ଦେବତା। ମାନ୍ୟତା ଅନୁଯାୟୀ, ବୈଥୀଶ୍ୱରନଙ୍କ ନିକଟରେ ପ୍ରାର୍ଥନା ଦ୍ୱାରା ସମସ୍ତ ରୋଗରୁ ମୁକ୍ତି ମିଳିଥାଏ। ବୈଥୀଶ୍ୱରନ ଶବ୍ଦର ଅର୍ଥ ହେଉଛି ବୈଦ୍ୟ ଅର୍ଥାତ୍ ଚିକିତ୍ସକ ଓ ଈଶ୍ୱର। ଏହା ନବ ଗ୍ରହଙ୍କ ସହ ଜଡିତ ନଅଟି ମନ୍ଦିର ମଧ୍ୟରୁ ଗୋଟିଏ ଓ ମଙ୍ଗଳ ଗ୍ରହଙ୍କ ସହ ଜଡିତ ବୋଲି କୁହାଯାଏ । ମନ୍ଦିରର ମୁଖ୍ୟଦ୍ୱାର ପାଞ୍ଚ ମହଲା ବିଶିଷ୍ଟ। ମନ୍ଦିରର କାରୁକାର୍ଯ୍ୟ ଉଚ୍ଚକୋଟରୀର। ଚିଦମ୍ବରମରୁ ପ୍ରାୟ ୩୦ କିମି ଦୂରରେ ଥିବା ଏହି ମନ୍ଦିର ଏବଂ ଆଖପାଖର ଗାଁଟି ତାଳପତ୍ର ଜ୍ୟୋତିଷ ବା 'ନାଡ଼ି ଶାସ୍ତ୍ର'ର ପ୍ରସିଦ୍ଧ କଳା ପାଇଁ ମଧ ପ୍ରସିଦ୍ଧ। ଏଠାରେ ଭଗବାନଙ୍କୁ ଲୁଣ ଏବଂ ଗୁଡ଼ ଅର୍ପଣ କଲେ ସ୍ୱାସ୍ଥ୍ୟ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ମନ୍ଦିରର ପ୍ରବେଶ ଦ୍ୱାର ନିକଟରେ ଏକ ଛୋଟ ବଜାର ଅଛି ଯେଉଁଠାରେ ପୂଜା ସାମଗ୍ରୀ, ଫୁଲ ଏବଂ ଅନ୍ୟାନ୍ୟ ଜିନିଷ ଉପଲବ୍ଧ। ଏଠାକୁ ପରିଦର୍ଶନ କଲେ, ଏହି ଗାଁର ସଂସ୍କୃତି ଏବଂ ପରମ୍ପରାକୁ ନିକଟରୁ ଦେଖିହେବ। ବୈଥୀଶ୍ୱରନ କୋଏଲ ହେଉଛି ଏକ ବଡ଼ ଏବଂ ପ୍ରାଚୀନ ମନ୍ଦିର ଯାହା ୧୦.୭ ଏକର ଜମିରେ ବ୍ୟାପିଛି। କୁହାଯାଏ ଯେ ଏହି ମନ୍ଦିରକୁ ରୋଗରୁ ମୁକ୍ତି ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇବା ପାଇଁ ବିଶେଷ ବିବେଚନା କରାଯାଏ। ମନ୍ଦିରରେ ଏକ ପାଞ୍ଚ ମହଲା ବିଶିଷ୍ଟ ଗୋପୁରମ (ମୁଖ୍ୟ ଦ୍ୱାର) ଏବଂ ଏହାର ଭିତରେ ଅନେକ ପ୍ରାଙ୍ଗଣ (ଖୋଲା ସ୍ଥାନ) ଅଛି। ଭଗବାନ ଶିବ ଗର୍ଭଗୃହରେ ଶିବଲିଙ୍ଗ ରୂପରେ ରହିଛନ୍ତି। ପ୍ରଥମ ପ୍ରାଙ୍ଗଣରେ ଭଗବାନ ମୁରୁଗନଙ୍କ ପ୍ରତିମା ସହିତ ନଟରାଜ, ସୋମସ୍କନ୍ଦ, ଦୁର୍ଗା, ସୂର୍ଯ୍ୟଦେବ ଏବଂ ଅନ୍ୟାନ୍ୟ ଦେବା ଏବଂ ଦେବୀଙ୍କ ପ୍ରତିମା ରହିଛି। ଦ୍ୱିତୀୟ ପ୍ରାଙ୍ଗଣରେ ଦେବୀ ଥାୟାଲନାୟକୀଙ୍କ ମନ୍ଦିର ଅଛି ଯିଏ ଔଷଧୀୟ ତେଲ ସହିତ ଠିଆ ହୋଇଛନ୍ତି ଏବଂ ଭକ୍ତମାନଙ୍କୁ ସେମାନଙ୍କର ରୋଗ ଆରୋଗ୍ୟ କରିବା ପାଇଁ ଆଶୀର୍ବାଦ ଦେଉଛନ୍ତି। ମନ୍ଦିର ନିକଟରେ ଏକ ପବିତ୍ର ଜଳ ପୁଷ୍କରିଣୀ ଅଛି ଯାହାକୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଲୋକମାନେ ଏହାର ପାଣିକୁ ଘରକୁ ନେଇ ଔଷଧ ଭାବରେ ବ୍ୟବହାର କରନ୍ତି। ମନ୍ଦିରଟି ପ୍ରତିଦିନ ସକାଳ ୬:୦୦ ରୁ ରାତି ୮:୩୦ ପର୍ଯ୍ୟନ୍ତ ଖୋଲା ରହିଥାଏ। ହଜାର ହଜାର ଭକ୍ତ ଏଠାକୁ ସ୍ୱାସ୍ଥ୍ୟ ଏବଂ ମଙ୍ଗଳଙ୍କ ଆଶୀର୍ବାଦ ପାଇବା ପାଇଁ ଆସନ୍ତି।

# ସଂସ୍କାର



ଉତ୍ତମ ସଂସ୍କାର ସବୁବେଳେ ବ୍ୟକ୍ତିକୁ ସଫଳତା ଦେଇଥାଏ । ସଂସ୍କାରକୁ ବ୍ୟକ୍ତିର ମୂଳଦୁଆ କହିଲେ ବି ଭୁଲ୍ ହେବ ନାହିଁ । ସଂସ୍କାରରୁ ହିଁ ଆମର ସ୍ୱଭାବ ବିକଶିତ ହୋଇଥାଏ । ଆଉ ଏହା ଆମ ଦୈନନ୍ଦିନ ବ୍ୟବହାରରେ ପ୍ରତିଫଳିତ ହୋଇଥାଏ । ସଂସ୍କାରହୀନ ସ୍ୱଭାବ ଓ ବ୍ୟବହାର ବ୍ୟକ୍ତିକୁ ପ୍ରକୃତ ସଫଳତା ଠାରୁ ଦୂରେଇ ରଖିଥାଏ । ଏହା କେବେବି ବ୍ୟକ୍ତିକୁ ପ୍ରକୃତ ଶାନ୍ତି ପ୍ରଦାନ କରିପାରେ ନାହିଁ । କେବଳ ଶିକ୍ଷାଗତ ଯୋଗ୍ୟତା ବଳରେ ଆମେ ସଫଳତା ପାଇପାରିବା ନାହିଁ । ଜୀବନରେ ଏପରି ଏକ ପର୍ଯ୍ୟାୟ ଆସେ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ବ୍ୟକ୍ତିର ସଂସ୍କାରକୁ ଅଧିକ ମହତ୍ତ୍ୱ ଦିଆଯାଏ । ଆଜିର ଯୁବପିଢ଼ି ସଂସ୍କାରକୁ ଅଧିକ ମହତ୍ତ୍ୱ ଦେଉ ନାହାନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ସଂସ୍କାରର ଆବଶ୍ୟକତା ସବୁଠାରୁ ଅଧିକ ରହିଛି । ଏହା ଆମର ଚରିତ୍ର ଗଠନରେ ସହାୟକ ହୋଇଥାଏ । ଉତ୍ତମ କର୍ମ ହିଁ ଉତ୍ତମ ସଂସ୍କାରର ଫଳ । କେବଳ ସେତିକି ନୁହେଁ ଉତ୍ତମ ଚରିତ୍ର ମଧ ଉତ୍ତମ ସଂସ୍କାରକୁ ଜନ୍ମ ନେଇଥାଏ ।

# ରୁଦ୍ରାକ୍ଷର ଆଧ୍ୟାତ୍ମିକ ଗୁଣ

ହିନ୍ଦୁ ଧର୍ମରେ ବହୁ ପ୍ରାଚୀନ କାଳରୁ, ପୂଜା-ପାଠ, ଯଜ୍ଞ, ହୋମ ପରି ଶୁଭ କାର୍ଯ୍ୟରେ ରୁଦ୍ରାକ୍ଷର ପ୍ରୟୋଗ କରାଯାଏ। ରୁଦ୍ରାକ୍ଷ ବିନା କୌଣସି ଧାର୍ମିକ ଅନୁଷ୍ଠାନ ପୂର୍ଣ୍ଣ ହୁଏ ନାହିଁ। ଏବେ ବୈଜ୍ଞାନିକଙ୍କ ଅନୁସନ୍ଧାନ ମାଧ୍ୟମରେ ସାରା ବିଶ୍ୱରେ ରୁଦ୍ରାକ୍ଷର ଗୁଣବତ୍ତା ପ୍ରମାଣିତ ହୋଇଗଲାଣି। ଏହାର ଔଷଧୀୟ ଗୁଣ ଏବଂ ଆଧ୍ୟାତ୍ମିକ ଗୁଣ ରହିଛି। ଏହାକୁ ଧାରଣ କଲେ ଶରୀର ସୁସ୍ଥ ଏବଂ ମନ ଶାନ୍ତ ରହେ।



**ରୁଦ୍ରାକ୍ଷର ଉତ୍ପତ୍ତି:** ରୁଦ୍ରାକ୍ଷ ଅର୍ଥ ରୁଦ୍ରଙ୍କ ନେତ୍ର। ଏହାର ଉତ୍ପତ୍ତି ତଥା ନାମକରଣ ପଛରେ ଏକ କଥା ପ୍ରଚଳିତ। ତ୍ରିପୁରାସୁର ନାମକ ରାକ୍ଷସକୁ ବଧ କରିବା ସମୟରେ ରୁଦ୍ରାବତାର ଧାରଣ କରିଥିବା ଶିବଙ୍କ ଆଖିରୁ ପାଣି ବାହାରି ପୃଥିବୀ ଉପରେ ପଡ଼ିଗଲା। ଯାହାକୁ ରୁଦ୍ରାକ୍ଷ ନାମ ଦିଆଗଲା। ଆହୁରି କୁହାଯାଏ ଯେ, ଯେତେବେଳେ ହିମାଳୟଙ୍କ କନ୍ୟା ସତୀ ନିଜକୁ ଯଜ୍ଞ କୁଣ୍ଡରେ ସମାହିତ କରିଦେଲେ ସେତେବେଳେ ଭଗବାନ ଶିବ ରୌଦ୍ର ରୂପ ଧାରଣ କରି ସତୀଙ୍କ ପୋଡ଼ା ଶରୀରକୁ ନିଜ କାନ୍ଧରେ ଧରି ବ୍ରହ୍ମାଣ୍ଡର ବିନାଶ କରିବାକୁ ତାଣ୍ଡବ ନୃତ୍ୟ କଲେ। ଶିବଙ୍କୁ ଏଥିରୁ ନିବୃତ୍ତ କରିବାକୁ ବିଷ୍ଣୁ ଠାକୁର ସୁଦର୍ଶନ ଚକ୍ର ପଠାଇଲେ, ଯାହାଦ୍ୱାରା ସତୀଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଗଲା। ଯେଉଁ ସ୍ଥାନମାନଙ୍କରେ ଏହା ପଡ଼ିଲା ସେଠାରେ ଶକ୍ତିପୀଠର ସ୍ଥାପନା ହେଲା। ଶେଷରେ ଶିବଙ୍କ କାନ୍ଧରେ କେବଳ ସତୀଙ୍କ ଭସ୍ମ ରହିଥିଲା। ଯାହାକୁ ଦେଖି ଶିବ କାନ୍ଦି ପକାଇଥିଲେ। ତାଙ୍କ ଆଖିର ଲୁହ ପୃଥିବୀରେ ପଡ଼ି ଗଛ ରୂପେ ଜନ୍ମ ନେଲା। ତେଣୁ ତାହାର ନାମ ରୁଦ୍ରାକ୍ଷ ରଖାଗଲା। ଏହିପରି ଭାବେ ରୁଦ୍ରଙ୍କ ଅଶ୍ରୁରୁ ବା ଲୁହରୁ ରୁଦ୍ରାକ୍ଷର ସୃଷ୍ଟି।

**ରୁଦ୍ରାକ୍ଷର ଆଧ୍ୟାତ୍ମିକ ଗୁଣ:** ରୁଦ୍ରାକ୍ଷ ଏକରୁ ଆରମ୍ଭ କରି ୩୫ ମୁଖବାଲା ରହିଛି। ବିଭିନ୍ନ କାର୍ଯ୍ୟସିଦ୍ଧି ପାଇଁ ଭିନ୍ନ ଭିନ୍ନ ରୁଦ୍ରାକ୍ଷର ଉପଯୋଗ କରାଯାଏ। ପୁରୁଣା ରୁଦ୍ରାକ୍ଷ ଅଧିକ ପ୍ରଭାବଶାଳୀ ଅଟେ। ମାନସିକ ଶାନ୍ତି, ଧୈର୍ଯ୍ୟ, ସାମାଜିକ ପ୍ରତିଷ୍ଠା, ସଫଳତା, ପୁତ୍ର ପ୍ରାପ୍ତି, ଲକ୍ଷ୍ମୀ ପ୍ରାପ୍ତି, ଜ୍ଞାନ ପ୍ରାପ୍ତି ଆଦି ପାଇଁ ମଧ ରୁଦ୍ରାକ୍ଷ ଧାରଣର ମହତ୍ତ୍ୱ ରହିଛି। ତେବେ ରୁଦ୍ରାକ୍ଷକୁ ଶୁଦ୍ଧ କରାଇ ସ୍ୱତନ୍ତ୍ର ଭାବେ ସିଦ୍ଧି କରାଯିବା ପରେ ଧାରଣ କରିବା ପ୍ରଭାବଶାଳୀ ହୋଇଥାଏ। ରୁଦ୍ରାକ୍ଷଙ୍କୁ ମନ୍ତ୍ର ଜପ ପୂର୍ବକ ଧାରଣ କରିବା ଉଚିତ। ଭିନ୍ନ ଭିନ୍ନ ରୁଦ୍ରାକ୍ଷ ପାଇଁ ଅଲଗା ଅଲଗା ମନ୍ତ୍ର ଉଚ୍ଚାରଣ କରିବା ଜରୁରୀ। ତେଣୁ ଯୋଗ୍ୟ ବ୍ରାହ୍ମଣଙ୍କ ଉପଦେଶରେ ରୁଦ୍ରାକ୍ଷ ଧାରଣ କରିବା ଲାଭ ଦେବ।

# ଭଗବାନ ରାମଙ୍କୁ ପ୍ରସନ୍ନ କରିବା ବହୁତ ସହଜ

ଧାର୍ମିକ ଗ୍ରନ୍ଥ ଅନୁସାରେ ଭଗବାନ ବିଷ୍ଣୁ ମାନବ ଜାତିର କଲ୍ୟାଣ ପାଇଁ ପୃଥିବୀ ଉପରେ ଅଷ୍ଟମ ଅବତାର ନେଇଥିଲେ। ଯେଉଁଥିରୁ ଭଗବାନ ବିଷ୍ଣୁଙ୍କ ଅଷ୍ଟମ ଅବତାର ହେଉଛି ଭଗବାନ ଶ୍ରୀରାମ। ମାନ୍ୟତା ଅନୁଯାୟୀ ଭଗବାନ ଶ୍ରୀରାମଙ୍କ ନାମ ଉଚ୍ଚାରଣ କରିବା ଦ୍ୱାରା ଜୀବନର ସମସ୍ତ ବାଧା ବିଘ୍ନ ଦୂର ହେବା ସହ ମୃତ୍ୟୁ ପରେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ। ଦୁନିରେ ଭଗବାନ ରାମଙ୍କ ନାମ ଠାରୁ ବଡ଼ ନାମ କିଛି ନାହିଁ। ସେ ରାକ୍ଷସ ରାବଣର ବଦ୍ଧ କରି ସଂସାରର ଉତ୍ଥାନ ଆରମ୍ଭ କରିଥିଲେ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଭଗବାନ ଶ୍ରୀ ରାମଙ୍କ ନାମ ମାତ୍ରେ ହିଁ ଭକ୍ତଙ୍କର ସମସ୍ତ ଦୁଃଖ ଦୂର ହୋଇଥାଏ। ଏହା ସହ ସମସ୍ତ ଇଚ୍ଛା ଓ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ରାମଙ୍କୁ ପ୍ରସନ୍ନ କରିବା ପାଇଁ ଜ୍ୟୋତିଷ ଶାସ୍ତ୍ରରେ ଅନେକ ଉପାୟ ଅବଲମ୍ବନ କରାଯାଇଥାଏ। କୁହାଯାଇଥାଏ ଏହି ସବୁ ଉପାୟଗୁଡ଼ିକ ଯଦି ବିଧିପୂର୍ବକ ପାଳନ କରାଯାଏ ତେବେ ସମସ୍ତ ଜାତକ ସମସ୍ୟା ଦୂର ହେବା ସହ ପ୍ରଭୁ ରାମଙ୍କର ଆଶୀର୍ବାଦ ମିଳିଥାଏ। ପ୍ରଭୁ ରାମଙ୍କୁ ପ୍ରସନ୍ନ କରିବା ଉପାୟ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଭଗବାନ ଶ୍ରୀ ରାମଙ୍କ ପାଇଁ ସପ୍ତାହର ଶେଷ ଦିନ ରବିବାର ଅଟେ। ଏପରି ପରିସ୍ଥିତିରେ, ରବିବାର ଦିନ, ପରିବାରର ଯେକୌଣସି ମହିଳା ରାତିରେ ଖିରି ତିଆରି କରିବା ଉଚିତ ଏବଂ ସେହି ଖିରି କୁ ଚନ୍ଦ୍ର ଆଲୋକରେ ଏକ ଘଣ୍ଟା ରଖିବା ଉଚିତ । ତା'ପରେ ସ୍ୱାମୀ ଏବଂ ସ୍ତ୍ରୀ ଏହି ଖିରିକୁ ଏକାଠି ଖାଇବା ଉଚିତ୍ । ଏହି ସମାଧାନ ସହିତ ଖୁବ୍ ଶୀଘ୍ର ଦୁହିଁଙ୍କ ଦୂରତା ଦୂର ହୋଇଯିବ । ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ବଢିବ। - ରବିବାର ଦିନ ଭଗବାନ ରାମଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ ପାତ୍ରରେ ଗଙ୍ଗା ପାଣି କିମ୍ବା ପାଣି ନିଅ ଏବଂ ରାମ ରକ୍ଷା ମନ୍ତ୍ର 'ଓମ୍ ଶ୍ରୀ ହ୍ଲିମ କ୍ଲିମ୍ ରାମଚନ୍ଦ୍ର 'ଶ୍ରୀନାମ ଜପ କର । ଏହା ପରେ ଘରର ସମସ୍ତ କୋଣରେ ଏହି ପାଣି ଛିଞ୍ଚନ୍ତୁ । ଏହା ସହିତ ବାସ୍ତୁ ତ୍ରୁଟି, ଭୂତ, ପ୍ରେତ ବାଧା ଇତ୍ୟାଦି ଘରୁ ଦୂର ହୋଇଯାଏ ।



# ବର୍ଷା ହେବା ପରେ ମାଟିରୁ ଆସେ ଅଦ୍ଭୁତ ବାସ୍ନା



## ବୈଜ୍ଞାନିକ କାରଣ କଣ ?

ବର୍ଷାର ପ୍ରଥମ ବୁନ୍ଦାରେ ମାଟିର ଅଦ୍ଭୁତ ବାସ୍ନା, ସମସ୍ତଙ୍କୁ ବିମୋହିତ କରେ। ଏହା ମନ ଭିତରେ ଖୁସି ଓ ତାଜାପଣ ଭରିଦେଇଥାଏ। ଏହି ବାସ୍ନାକୁ ନେଇ ଅନେକ ଗପ ଓ କବିତା ପଢିଥିବେ। ଆମେ ସମସ୍ତେ ସାଧରଣତଃ ଭାବୁ ଏହାର ବାସ୍ନା ସିଧା ମାଟି ଓ ବର୍ଷାର ପାଣି ମିଶିବା ଫଳରେ ଆସିଥାଏ,କିନ୍ତୁ ଏଭଳି ନୁହେଁ। ଜାଣିବା, ଏହି ରହସ୍ୟମୟ ବାସ୍ନା କେଉଁଠୁ ଆସେ ? ବର୍ଷା ପରେ ଏହି ମନମୁଗ୍ଧକର ବାସ୍ନାକୁ ବୈଜ୍ଞାନିକ ଭାଷାରେ 'ପେଟ୍ରିକୋର' କୁହାଯାଏ। ଏହାକୁ ପ୍ରଥମ ଥର ୧୯୬୦ ଦଶକରେ ଦୁଇ ଅଷ୍ଟ୍ରେଲୀୟ ରିସର୍ଚ୍ଚର ନାଁ ଦେଇଥିଲେ। ଏହି ବାସ୍ନା ପୃଥିବୀର ଆର୍ଦ୍ରତା କାରଣରୁ ଆସିଥାଏ। ଅଷ୍ଟ୍ରେଲିଆର ବୈଜ୍ଞାନିକ ଇସାବେଲ୍ ଜୟ ବେୟର ଓ ରିଚର୍ଡ ଗ୍ରେନଫେଲ ଥୋମାସ୍ ୧୯୬୪ ରେ 'ପେଟ୍ରିକୋର' ନା ଦେଇଥିଲେ। 'ପେଟ୍ରିକୋର' ଶବ୍ଦ ଦୁଇଟି ଗ୍ରୀକ୍ ଶବ୍ଦ –'ପେଟ୍ରୋସ୍' ଓ 'ଇଚୋର'କୁ ମିଶାଇ ତିଆରି କରାଯାଇଛି। 'ପେଟ୍ରୋସ୍'ର ଅର୍ଥ ପଥର, ସେଭଳି ଇଚୋର ଶବ୍ଦର ବ୍ୟବହାର ଗ୍ରୀକ୍ ପୌରାଣିକ କଥାରେ ଦେବତାଙ୍କ ସ୍ନାୟୁରୁ ବାହାରୁଥିବା ତରଳ ପଦାର୍ଥକୁ କୁହାଯାଏ। ବୈଜ୍ଞାନିକମାନେ ବର୍ଷାର ବାସ୍ନା ଓ ଏଥିପାଇଁ ଦାୟୀ କେମିକାଲ କମ୍ପାଉଣ୍ଡ ଉପରେ ରିସର୍ଚ୍ଚ କରିଥିଲେ। ଏହାକୁ ସେମାନେ ନେଚର ଜର୍ଣ୍ଣାଲରେ ପ୍ରକାଶ କରିଛନ୍ତି। ଷ୍ଟଡି ପାଇଁ ବେୟର ଓ ଥମାସ୍ ଶୁଖିଲା ମାଟିରେ ବର୍ଷା ହେବାପରେ ମାଟିର ବାସ୍ନାକୁ ଯାଞ୍ଚ କରିଥିଲେ। ସେମାନେ ଦୁଇଟି ମୁଖ୍ୟ ଉପାଦାନ, ଜିୟୋସ୍ମିନ୍ ଓ ୨-ମେଥିଲିସୋବୋରନେଓଲ ଚିହ୍ନଟ କରିଥିଲେ, ଯାହାକି ମାଟିର ବ୍ୟାକ୍ଟେରିଆରୁ ସୃଷ୍ଟି ହୋଇଥାଏ। 'ପେଟ୍ରିକୋର' ବାସ୍ନାକୁ ତିଆରି କରିବାରେ ମୁଖ୍ୟତଃ ଦାୟୀ। ବର୍ଷା ସହ ଆସୁଥିବା ବାସ୍ନା ବହୁ ଜିନିଷରୁ ସୃଷ୍ଟି ହୋଇପାରେ। ବର୍ଷାର ପ୍ରକୃତ ବାସ୍ନାର କାରଣ ହେଉଛି ବ୍ୟାକ୍ଟେରିଆ। ଏକ୍ଟିନୋମାଇସେଟସ୍, ଏକ ପ୍ରକାର ଫିଲମେଣ୍ଟସ୍ ବ୍ୟାକ୍ଟେରିଆ, ଯାହାକି ମାଟିରେ ସେତେବେଳେ ବଢେ, ଯେବେ ତାହା ନରମ ଓ ଗରମ୍ ଥାଏ। ମାଟି ଶୁଖି ଯାଇଥାଏ, ତେଣୁ ବ୍ୟାକ୍ଟେରିଆ ମାଟିରୁ ସ୍ପୋର ସୃଷ୍ଟି କରିଥାଏ। ବର୍ଷାର ଆର୍ଦ୍ରତା ଓ ଚାପ ଏହି ଛୋଟ ସ୍ପୋରକୁ ପବନରେ ଉପରକୁ ନେଇଯାଇଥାଏ। ଯେଉଁଠି ବର୍ଷା ପରେ ଆଦ୍ରତା ଏରୋସୋଲ୍ ଏୟାର ଫ୍ରେସନର ଭଳି କାମ କରେ। ବର୍ଷାର ବାସ୍ନା ବ୍ୟାକ୍ଟେରିଆରେ ଥିବା ଜିୟୋସିନ୍ ନାମକ କେମିକାଲ କାରଣରୁ ହୋଇଥାଏ। ଯାହାକି ବ୍ୟାକ୍ଟେରିକା ମରିବା ପରେ ବାହାରିଥାଏ। ଜିୟୋସିନ୍ ଏକ ପ୍ରକାର ଆଲକୋହଲ୍ ମଲିକ୍ୟୁଲ, ଯାହାର ବାସ୍ନା ଖୁବ୍ ଅଧିକ। ବ୍ୟାକ୍ଟେରିଆ ଆର୍ଦ୍ରତା ଥିବା ମାଟିରେ ସୃଷ୍ଟି ହୁଏ, କିନ୍ତୁ ମାଟି ଶୁଖିଗଲେ ସ୍ପୋର ଛାଡିଥାଏ। ସେଥିପାଇଁ ଶୁଖିଲା ମାଟି ଉପରେ ବର୍ଷା ହେଲେ ବାସ୍ନା ସବୁଠାରୁ ଭିନ୍ନ ଓ ମନମୁଗ୍ଧକର ରହିଥାଏ।





*ବର୍ଷାର ବାସ୍ନା ବ୍ୟାକ୍ଟେରିଆରେ ଥିବା ଜିୟୋସିନ୍ ନାମକ କେମିକାଲ କାରଣରୁ ହୋଇଥାଏ। ଯାହାକି ବ୍ୟାକ୍ଟେରିକା ମରିବା ପରେ ବାହାରିଥାଏ। ଜିୟୋସିନ୍ ଏକ ପ୍ରକାର ଆଲକୋହଲ୍ ମଲିକ୍ୟୁଲ, ଯାହାର ବାସ୍ନା ଖୁବ୍ ଅଧିକ।*

# ସୋସିଆଲ୍ ମିଡିଆ ନିଶାରେ ଯୁବପିଢ଼ି



ସମ୍ପ୍ରତି ପ୍ରତ୍ୟେକ ବ୍ୟକ୍ତିଙ୍କ ଦିନ ହ୍ୱାଟସ୍ ଆପ୍, ଫେସବୁକ୍ କିମ୍ବା ଇନଷ୍ଟାଗ୍ରାମ ପରି ସୋସିଆଲ ମିଡ଼ିଆରୁ ଆରମ୍ଭ ହେଉଛି। ପିଲାମାନଙ୍କର ହୋମୱାର୍କ ହେଉ କିମ୍ବା ଅଫିସ୍ ବାର୍ତ୍ତା, ଜନ୍ମଦିନର ଶୁଭକାମନା କିମ୍ବା କୌଣସି ଉତ୍ସବର ଫଟୋ ଏବେ ସୋସିଆଲ୍ ମିଡ଼ିଆ ସାହାଯ୍ୟରେ ଆମ ପାଖରେ ପହଞ୍ଚୁଛି। ଆମ ଜୀବନରେ ସୋସିଆଲ ମିଡ଼ିଆର ଅନୁପ୍ରବେଶ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଏହା ବିନା ଜୀବନ ଅସମ୍ପୂର୍ଣ୍ଣ ଲାଗୁଛି। ସୋସିଆଲ ମିଡ଼ିଆ ବିନା ଆଜି ଜୀବନ କଳ୍ପନା କରିବା କଷ୍ଟକର ହୋଇପଡିଛି। କିନ୍ତୁ ଯେତେବେଳେ ସୋସିଆଲ ମିଡ଼ିଆ ବୟସ୍କ ତଥା ପିଲାମାନଙ୍କ ଜୀବନରେ ପାଦ ବିସ୍ତାର କରିବା ଆରମ୍ଭ କରେ ସେତେବେଳେ ସତର୍କ ଘଣ୍ଟି ବାଜିଥାଏ। ଆଜିକାଲି ସୋସିଆଲ ମିଡ଼ିଆ କବଳରୁ ପିଲାମାନଙ୍କୁ କିପରି ରକ୍ଷା କରାଯାଇପାରିବ ଏବଂ ଏହାକୁ ବ୍ୟବହାର କରିବା ପୂର୍ବରୁ ଅଳ୍ପ ବୟସରେ ଚେତାବନୀ ଦେବା ଆବଶ୍ୟକ କି ନାହିଁ ସେ ବିଷୟରେ ବିଶ୍ୱବ୍ୟାପୀ ଏକ ଆଲୋଚନା ଜାରି ରହିଛି। ନିକଟରେ ଆମେରିକାର ସର୍ଜନ ଜେନେରାଲ ଡକ୍ଟର ବିବେକ ମୂର୍ତ୍ତି ପିଲାମାନଙ୍କୁ ସେମାନଙ୍କର ପିଲାଦିନରୁ ବଞ୍ଚାଇବା ପାଇଁ ସୋସିଆଲ ମିଡ଼ିଆରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାରଣରୁ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ଖରାପ ହେବାରେ ଲାଗିଛି ବୋଲି ସେ କହିଛନ୍ତି। ଯେପରି ସିଗାରେଟ୍ ଏବଂ ମଦ୍ୟପାନ ଉପରେ ଚେତାବନୀ ଲେଖାଯାଇଛି, ସେହିଭଳି ସୋସିଆଲ୍ ମିଡ଼ିଆ ଆପ୍ସରେ ମଧ ଚେତାବନୀ ଲେଖାଯିବା ଉଚିତ୍ ବୋଲି ସେ କହିଥିଲେ। ସୋସିଆଲ ମିଡ଼ିଆ ଏକ ବିପଦପୂର୍ଣ୍ଣ ଡ୍ରଗ୍ସ ପାଲଟିଛି। ୨୦୧୯ରେ ଆମେରିକା ମେଡିକାଲ ଆସୋସିଏସନ ଷ୍ଟଡିରେ ସୂଚିତ କରାଯାଇଥିଲା ଛୋଟପିଲା ପ୍ରତିଦିନ ୩ ଘଣ୍ଟାରୁ ଅଧିକ ସମୟ ସୋସିଆଲ ମିଡ଼ିଆରେ ବିତାଉଛନ୍ତି।ଏଥି ସହିତ, ଗେଂଲଅପ୍ ସର୍ଭେ ଅନୁଯାୟୀ ପିଲାମାନେ ସୋସିଆଲ ମିଡ଼ିଆରେ ପ୍ରତିଦିନ ୫ ଘଣ୍ଟା ବିତାଉଛନ୍ତି। କେବଳ ପିଲାମାନେ ନୁହଁନ୍ତି ବୟସ୍କମାନେ ମଧ ସୋସିଆଲ ମିଡ଼ିଆକୁ ଏତେ ପରିମାଣରେ ବ୍ୟବହାର କରୁଛନ୍ତି ଯେ ସେମାନେ ଦିନକୁ ୨୪ ଘଣ୍ଟା ଅନଲାଇନରେ ରହୁଛନ୍ତି। ପ୍ୟୁ ରିସର୍ଚ୍ଚ ସେଣ୍ଟରର ରିପୋର୍ଟ ଅନୁଯାୟୀ, ୨୦୨୧ ମସିହାରେ ବିଶ୍ୱର ୩୭୮କୋଟି ଲୋକ ସୋସିଆଲ ମିଡ଼ିଆ ବ୍ୟବହାର କରୁଥିଲେ। ଏହି ୟୁଜରମାନଙ୍କ ମଧ୍ୟରୁ ୮୪ପ୍ରତିଶତ ୧୮ ରୁ ୨୯ ବର୍ଷ ମଧ୍ୟରେ ଥିଲେ । ମନସ୍ତତ୍ତ୍ୱବିତ୍ ପ୍ରିୟଙ୍କା ଶ୍ରୀବାସ୍ତବ କୁହନ୍ତି ଯେ ସୋସିଆଲ୍ ମିଡ଼ିଆ ଲୋକଙ୍କୁ ମଦ୍ୟପାନ ଏବଂ ସିଗାରେଟ୍ ଭଳି ନିଶା ଦେଉଛି। ଲୋକମାନେ ଏହାକୁ ବ୍ୟବହାର କରିବା ପରେ ନିଶା ପରି ଭଲ ଅନୁଭବ କରୁଛନ୍ତି । ଏହାର କାରଣ ହେଉଛି ସୋସିଆଲ ମିଡ଼ିଆର ବ୍ୟବହାର ସେମାନଙ୍କ ଶରୀରରେ ଡୋପାମାଇନ୍ ନାମକ ଏକ ଖୁସି ହରମୋନ୍ ଉତ୍ପନ୍ନ କରିଥାଏ, ଯାହା ସେମାନଙ୍କୁ ଏହି ପ୍ଲାଟଫର୍ମରୁ ଦୂରରେ ରହିବାକୁ ଦେଇ ନ ଥାଏ। ନୂତନ ପିଢ଼ି ସର୍ବଦା ଅନ୍ୟମାନଙ୍କୁ ଦେଖି ଉତ୍ସାହିତ ହୋଇଥାନ୍ତି। ମନସ୍ତତ୍ତ୍ୱବିତ୍ ପ୍ରିୟଙ୍କା ଶ୍ରୀବାସ୍ତବ କହିଛନ୍ତି ଯେ ଯୁବବର୍ଗମାନେ ସେଲିବ୍ରିଟିମାନଙ୍କୁ ଅଧିକ ଅନୁସରଣ କରନ୍ତି ଏବଂ ପାପାରାଜି ସଂସ୍କୃତିରେ ସେମାନଙ୍କର ପ୍ରତ୍ୟେକ ଅପଡେଟ୍ ଲୋକଙ୍କ ନିକଟରେ ପହଞ୍ଚେ। ସେଲିବ୍ରିଟିମାନେ ସମ୍ବାଦରେ ରହିବାକୁ ଚାହାନ୍ତି କାରଣ ସେମାନେ କାମ ଚାହୁଁଛନ୍ତି । କିନ୍ତୁ ଯୁବବର୍ଗମାନେ ଏହି ବାସ୍ତବତା ଜାଣନ୍ତି ନାହିଁ। ତାଙ୍କର ପ୍ରିୟ ଅଭିନେତା କିମ୍ବା ଅଭିନେତ୍ରୀଙ୍କ ପରି ସେମାନେ ସୋସିଆଲ ମିଡିଆରେ ପ୍ରଦର୍ଶନ କରନ୍ତି କାରଣ କୌଣସି ସ୍ଥାନରେ ସେମାନେ ମଧ ନିଜର ପ୍ରଶଂସା ଶୁଣିବାକୁ ଚାହୁଁଛନ୍ତି। ସେଥିପାଇଁ ସେମାନେ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟକଳାପ ବିଷୟରେ ପୋଷ୍ଟ କରିବା ଆରମ୍ଭ କରୁଛନ୍ତି । ଅନେକ କିଶୋର ଏହି ପ୍ଲାଟଫର୍ମରେ ସେମାନଙ୍କର ସମ୍ପର୍କର ସଫ୍ଟ ଲଞ୍ଚିଂ-ହାର୍ଡ ଲଞ୍ଚିଂ କରୁଛନ୍ତି । ଯାହା ସେମାନଙ୍କର ଅଧ୍ୟୟନ ସହିତ ବ୍ୟକ୍ତିତ୍ୱର ବିକାଶ ଉପରେ ପ୍ରଭାବ ପକାଉଛି। ଯଦି କୌଣସି ଶିଶୁଙ୍କର ବୟସ ୧୨ ରୁ ୧୮ ବର୍ଷ ମଧ୍ୟରେ ଥାଏ ଏବଂ ତାଙ୍କୁ ସୋସିଆଲ ମିଡ଼ିଆରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଏ, ତେବେ ଏହା ତାଙ୍କୁ କ୍ରୋଧିତ ଏବଂ ବିଦ୍ରୋହୀ କରୁଛି। ବାସ୍ତବରେ, ଯୁବାବସ୍ଥାରେ ଶରୀରରେ ଟେଷ୍ଟୋଷ୍ଟେରନ୍, ପ୍ରୋଜେଷ୍ଟେରନ୍ ଏବଂ ଇଷ୍ଟ୍ରୋଜେନ୍ ନାମକ ହରମୋନ୍‌ର ପରିବର୍ତ୍ତନ ଆସେ, ଯାହା ସେମାନଙ୍କୁ ଏହିପରି କରିଥାଏ।

• Vol.- 45, Issue No.11
• Friday, 11 April 2025
• ଶୁକ୍ରବାର, ୧୧ ଏପ୍ରିଲ ୨୦୨୫
• Bhubaneswar
• Price: Rs. 2.00, Page: 3
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଅଲିମ୍ପିକ୍ସକୁ ଫେରିଲା କ୍ରିକେଟ



ନୂଆଦିଲ୍ଲୀ, ୧୦।୪: ଶେଷରେ କ୍ରିକେଟକୁ ଅଲିମ୍ପିକ୍ସରେ ସ୍ଥାନ ମିଳିଛି। ୧୯୦୦ ମସିହାରେ ଅଲିମ୍ପିକ୍ସରେ କ୍ରିକେଟକୁ ଶେଷ ଥର ପାଇଁ ସାମିଲ କରାଯାଇଥିଲା। ଏବେ ୧୨୮ ବର୍ଷ ପରେ ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ୍ସରେ କ୍ରିକେଟ ପୁନରାଗମନ କରିବାକୁ ଯାଉଛି। ଆୟୋଜକମାନେ ନିଶ୍ଚିତ କରିଛନ୍ତି ଯେ ଏହି ଖେଳ ଟି-୨୦ ଫର୍ମାଟରେ ଖେଳାଯିବ, ଯେଉଁଥିରେ ୬ଟି ପୁରୁଷ ଏବଂ ମହିଳା ଦଳ ଏହି ଲୋଭନୀୟ ଟାଇଟଲ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। କେବଳ ଏତିକି ନୁହେଁ, ୨୦୩୨ ମସିହାରେ ବ୍ରିସବେନରେ ହେବାକୁ ଥିବା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ କ୍ରିକେଟକୁ ସବୁଜ ସଙ୍କେତ ମଧ୍ୟ ଦିଆଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର କାର୍ଯ୍ୟନିର୍ବାହୀ ବୋର୍ଡ କ୍ରିକେଟ ପାଇଁ ୯୦ ଜଣ ଖେଳାଳିଙ୍କ କୋଟାକୁ ଅନୁମୋଦନ କରିଛି। ଯାହା ଦ୍ୱାରା ଦଳଗୁଡ଼ିକୁ ଏହି ସର୍ବବୃହତ କ୍ରୀଡା ଇଭେଣ୍ଟ ପାଇଁ ୧୫ ଜଣିଆ ଦଳ ଚୟନ କରିବାକୁ ଅନୁମତି ଦିଆଯାଇଛି। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ମାନଦଣ୍ଡ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ, କିନ୍ତୁ ଆମେରିକା ଆୟୋଜକ ହୋଇଥିବାରୁ ସେମାନେ ସିଧାସଳଖ ଯୋଗ୍ୟତା ପାଇବାର ସମ୍ଭାବନା ରହିଛି । ଫଳରେ ପାଞ୍ଚଟି ସ୍ଥାନ ଖାଲି ରହିବ। ଅଲିମ୍ପିକ୍ସରେ କ୍ରିକେଟର ପୁନରାଗମନ ଏକ ବଡ଼ କଥା । ଏହି ଇଭେଣ୍ଟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମସ୍ତ ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରି ଏହି ଖେଳକୁ ଏକ ବଡ଼ ସଫଳତା ଦିଅନ୍ତୁ। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ସମ୍ଭବତଃ ରାଙ୍କିଙ୍ଗ ଦ୍ୱାରା ସ୍ଥିର କରାଯାଇପାରେ, ଅର୍ଥାତ ଶ୍ରେଷ୍ଠ ପାଞ୍ଚଟି ଦଳ ଏବଂ ଆୟୋଜକ ଆମେରିକା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ବର୍ତ୍ତମାନ, ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ ଟି-୨୦ ଅନ୍ତର୍ଜାତୀୟ ପୁରୁଷ ରାଙ୍କିଙ୍ଗରେ ଶୀର୍ଷ ପାଞ୍ଚଟି ସ୍ଥାନ ଅଧିକାର କରିଥିବା ବେଳେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଭାରତ ଏବଂ ଦକ୍ଷିଣ ଆଫ୍ରିକା ମହିଳା ରାଙ୍କିଙ୍ଗରେ ଶୀର୍ଷ ପାଞ୍ଚଟି ସ୍ଥାନ ଅଧିକାର କରିଛନ୍ତି। ଅଲିମ୍ପିକ୍ସ ହେବାକୁ ଆହୁରି ବହୁତ ସମୟ ଅଛି। ଏଣୁ ରାଙ୍କିଙ୍ଗରେ ପରିବର୍ତ୍ତନ ହେବାର ସମ୍ଭାବନା ଅଧିକ। ନିମ୍ନ ସ୍ଥାନ ପାଇଥିବା ଦଳଗୁଡ଼ିକ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ସହିତ ସେମାନଙ୍କର ସ୍ଥାନ ଉନ୍ନତ କରିବା ଉପରେ ଧ୍ୟାନ ଦେବେ।

# ଆଜିଠାରୁ ଆୟୁଷ୍ମାନ ଯୋଜନା

କଟକ/ଭୁବନେଶ୍ୱର/ପୁରୀ, ୧୦।୪: ଶୁକ୍ରବାରଠାରୁ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା। କଟକ ବାଲିଯାତ୍ରା ପଡ଼ିଆରେ ସେବା କ୍ଷେତ୍ରରେ ଆରମ୍ଭ ହେବ ନୂଆ ଅଧ୍ୟାୟ । ଆସନ୍ତାକାଲିଠୁ ଲାଗୁ ହେବାକୁ ଯାଉଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏଥିସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ମଧ୍ୟ ହେବ ଶୁଭାରମ୍ଭ ।

■ ଶୁଭାରମ୍ଭ କରିବେ ଜେପି ନଡ୍ଡା

■ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୃଷ୍ଟି ହେବ ନୂଆ ଅଧ୍ୟାୟ

■ ଉପକୃତ ହେବେ ସାଢ଼େ ୩ କୋଟିରୁ ଅଧିକ ଓଡ଼ିଆ

ଏସବୁ ଯୋଜନାର ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହିବେ । ଏହା ଦ୍ୱାରା ରାଜ୍ୟର ସାଢ଼େ ୩ କୋଟିରୁ ଅଧିକ ଲୋକ ଉପକୃତ ହେବେ । ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଲୋକଙ୍କୁ ଦେୟମୁକ୍ତ ଚିକିତ୍ସା ସୁବିଧା ମିଳିବ । ପ୍ରତି ପରିବାରର ପୁରୁଷଙ୍କ ପାଇଁ ୫ଲକ୍ଷ ଏବଂ ମହିଳାଙ୍କ ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ସହ ୭୦ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇଦେବେ ସରକାର । ଓଡ଼ିଶାର ସ୍ୱାସ୍ଥ୍ୟ ଆସନ୍ତାକାଲି କଟକ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏକ ଭବ୍ୟ କାର୍ଯ୍ୟକ୍ରମରେ ଏସବୁ ଯୋଜନାର ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି.ନଡ୍ଡା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ରହିବେ । ରାଜ୍ୟର ସମସ୍ତ ୧୪୦୫ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଏହି କାର୍ଯ୍ୟକ୍ରମ ସହ ଯୋଡ଼ାଯିବ । ହିତାଧିକାରୀଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏବିପିଏମ୍‌ଜେଏୱାଇ ଏବଂ ଜିଜେଏୱାଇ କାର୍ଡ଼ । ଏହି କାର୍ଡ଼ ମାଧ୍ୟମରେ ପରିବାରର ପ୍ରତି ପୁରୁଷଙ୍କୁ ୫ଲକ୍ଷ ଏବଂ ମହିଳାଙ୍କୁ ୧୦ଲକ୍ଷ ଟଙ୍କା




ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସେବା ମିଳିବ । ଦେଶର ୨୯ହଜାରରୁ ଅଧିକ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ହିତାଧିକାରୀଙ୍କୁ ଦେୟମୁକ୍ତ ଚିକିତ୍ସା ସୁବିଧା ମିଳିବ । ଏହା ଦ୍ୱାରା ରାଜ୍ୟର ସାଢ଼େ ୩ କୋଟିରୁ ଅଧିକ ଲୋକ ଉପକୃତ ହେବେ । ନୂଆ କାର୍ଡ଼ ପାଇବା ପର୍ଯ୍ୟନ୍ତ ହିତାଧିକାରୀମାନେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ନିଜର ଆଧାର କାର୍ଡ଼ କିମ୍ବା ବର୍ତ୍ତମାନ ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ଼ ନମ୍ବର ଦେଇ ଚିକିତ୍ସା ପାଇପାରିବେ । ସାଧାରଣ ଜନସେବା କେନ୍ଦ୍ର ଗୁଡିକ ସମ୍ପୃକ୍ତ ଅଞ୍ଚଳର ଆଶାକର୍ମୀ କିମ୍ବା ବହୁମୁଖୀ ଜନ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତାରେ ହିତାଧିକାରୀମାନଙ୍କୁ କାର୍ଡ଼ ବଣ୍ଟନ କରାଯିବ । କାର୍ଡ଼ ବଣ୍ଟନର ତାରିଖ ଆଗୁଆ ଜଣାଇ ଦିଆଯିବ । ଆଗାମୀ ଦୁଇ ତିନି ମାସ ମଧ୍ୟରେ ସାଢ଼େ ୩ କୋଟି ନୂତନ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କାର୍ଯ୍ୟ ଶେଷ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସେହିଭଳି ୭୦ ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇଦେବାକୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କରିବାକୁ ଯାଉଛନ୍ତି ସରକାର । ଏହା ଦ୍ୱାରା ସବୁ ବର୍ଗର ବୟସ୍କ ଲୋକମାନେ ଉପକୃତ ହେବେ । ଏବେ ରାଜ୍ୟରେ ୭୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୨୩ ଲକ୍ଷ ୧୨ ହଜାର ୯୭୯ ରହିଛି । ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ବୟସ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ଥିବାରୁ ବାକି ୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ଯୋଡ଼ି ହେବେ । ଆୟୁଷ୍ମାନ ଯୋଜନା ପାଇଁ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ୪୬ଗୋଟି ପିଏଚସି ଓ ଅନ୍ୟ ହସପିଟାଲ ଏବଂ ୫ଟି ସହରାଞ୍ଚଳ ହସପିଟାଲ ଏହି ଭଳି ମୋଟ ୫୧ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଡ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ଆଜି ଓଡ଼ିଶା ଗସ୍ତରେ ଆସିବେ ଜେ.ପି.ନଡ୍ଡା

ଭୁବନେଶ୍ୱର, ୧୦।୪(ନିପ୍ର): ଶୁକ୍ରବାର ଓଡ଼ିଶା ଆସିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା। ଏସମ୍ପର୍କରେ ସୂଚନା ଦେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆସନ୍ତାକାଲିଠାରୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା । ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଶ୍ରୀ ନଡ୍ଡା ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇବେ। ଏହାପରେ ଶ୍ରୀ ନଡ୍ଡା କଟକର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଐତିହାସିକ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଲୋକାର୍ପଣ କରିବେ। ଓଡିଶାର ୩ କୋଟି ୫୦ଲକ୍ଷ ଲୋକ ଏହି ଯୋଜନାରେ ଲାଭାନ୍ୱିତ ହେବେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କଟକସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପେଡିଆଟ୍ରିକର ନୂତନ ଭବନର ଉଦ୍‌ଘାଟନ କରିବେ । ଶ୍ରୀ ନଡ୍ଡାଙ୍କର ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍ସ ମେଡିକାଲ କଲେଜ ଯିବାର




କାର୍ଯ୍ୟକ୍ରମ ରହିଛି। ସଂଧାରେ ପୁରୀଠାରେ ହେବାକୁ ଥିବା ରାଜ୍ୟର ସାଂସଦ ଓ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ବିଧିବଦ୍ଧଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ପୁରୀରେ ଅନୁଷ୍ଠିତ ହେବାକୁ ଥିବା 'ବିଧାୟକ ଓ ସାଂସଦ ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ୧୧ ତାରିଖ ସନ୍ଧ୍ୟାରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ୧୨ ତାରିଖ ସକାଳେ ଶ୍ରୀ ନଡ୍ଡା ବିଧିବଦ୍ଧ ଭାବେ ଏହାକୁ ଉଦ୍‌ଘାଟନ କରିବେ। ଶ୍ରୀ ନଡ୍ଡାଜୀଙ୍କ ଏହି ଦୁଇଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ସ୍ମରଣୀୟ ଦିନ ହୋଇରହିବ ବୋଲି ଶ୍ରୀ ସାମଲ କହିଛନ୍ତି ।

## ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର, ୧୦।୪: ସମ୍ବଲପୁର ଜିଲା ଶାସନ ଥାନା ଅଞ୍ଚଳରେ ୨୦୨୩ରେ ଘଟିଥିବା ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଏହି ମାମଲାରେ ଅଭିଯୁକ୍ତ ଭୋଇମୁଣ୍ଡା ଖଡ଼ିଆପଡ଼ାର ଆକାଶ ଖଡ଼ିଆ(୧୯)ଙ୍କୁ ଦଫା ୬ ପୋକ୍‌ସୋ ଆଇନରେ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅର୍ଥ ଅନାଦାୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି। ଶାସନ ଥାନା ଅନ୍ତର୍ଗତ ଭୋଇମୁଣ୍ଡା ଅଞ୍ଚଳର ୬ ବର୍ଷୀୟା ପୀଡ଼ିତାଙ୍କ ଘରକୁ ନିକଟସ୍ଥ ଖଡ଼ିଆପଡ଼ାର ଆକାଶ ଖଡିଆ ୨୦୨୩ ସେପ୍ଟେମ୍ବର ୨୦ ତାରିଖ ସନ୍ଧ୍ୟାରେ ଆସିଥିଲେ। ସେ ଉକ୍ତ ପରିବାର ସହିତ ପୂର୍ବରୁ ପରିଚିତ ଥିବାରୁ ନାବାଳିକାଙ୍କୁ ନିଜ ସାଇକେଲ୍‌ରେ ବସାଇ ବୁଲାଇବାକୁ ଗାଁ ଦାଣ୍ଡକୁ ନେଇଥିଲେ। ଗ୍ରାମଠାରୁ କିଛି ଦୂର ଯିବା ପରେ ସେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏହାପରେ ଅଭିଯୁକ୍ତ ନାବାଳିକାଙ୍କୁ ଆଣି ତାଙ୍କ ଘର ପାଖରେ ଛାଡ଼ି ଦେଇଥିଲେ। ପୀଡ଼ିତାଙ୍କ ରକ୍ତସ୍ରାବ ହେଉଥିବା ଦେଖି ତାଙ୍କ ମା' ପଚାରିବାରୁ ସାଇକେଲରୁ ଖସି ପଡିବାରୁ ଏଭଳି ହେଉଥିବା କହି ଆକାଶ ସେଠାରୁ ଚାଲିଯାଇଥିଲେ। ପରେ ସବୁ କଥା ଜାଣିବା ପରେ ପରିବାର ଲୋକେ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଶାସନ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଆକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୦।୪: ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ଧରମ ହାଂସଦା ଜଙ୍ଗଲ ପରିବେଶ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ରୀନା ମହାପାତ୍ର ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗର ଯୁଗ୍ମ ସଚିବ ନିଯୁକ୍ତ ହୋଇଛନ୍ତି। ଲିଲି କୁମାରୀ କୁଲୁ ରାଜସ୍ୱ ବିଭାଗର ଯୁଗ୍ମ ସଚିବ ହୋଇଥିବା ବେଳେ ଆରାଧନା ଦାସଙ୍କୁ ଗୃହ ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି।

## ଭୁବନେଶ୍ୱରରେ ହେବ ମେଗା କନଭେନସନ୍ ସେଣ୍ଟର

ଭୁବନେଶ୍ୱର, ୧୦।୪: ରାଜଧାନୀ ଭୁବନେଶ୍ୱରକୁ ଖୁବଶୀଘ୍ର ୧୦,୦୦୦ ଆସନ ବିଶିଷ୍ଟ ମେଗା କନଭେନସନ ସେଣ୍ଟର ମିଳିବ। ଓଡ଼ିଶା ସେତୁ ନିର୍ମାଣ ନିଗମ ଏହାକୁମୁଖ୍ୟାଳୟ ନିକଟରେ ନିର୍ମାଣ କରିବ। ଭୁବନେଶ୍ୱର ସହରକୁ ବିଶ୍ୱ ବ୍ୟବସାୟ ଏବଂ ପର୍ଯ୍ୟଟନର ଏକ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସର ଅଂଶ ଭାବରେ ୧୦,୦୦୦ ଲୋକଙ୍କ ବସିବା କ୍ଷମତା ବିଶିଷ୍ଟ ଏହାର ସର୍ବବୃହତ କନଭେନସନ ସେଣ୍ଟରର ନିର୍ମାଣ ଆରମ୍ଭ କରିବାକୁ ଯାଉଛି। ଦି ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ସରକାର ଏକ ସରକାରୀ-ଘରୋଇ ସହଭାଗୀତା ଅଧୀନରେ ଚନ୍ଦ୍ରଶେଖରପୁରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସେତୁ ନିର୍ମାଣ ନିଗମ ସହିତ ଯୋଗାଯୋଗ କରିଛନ୍ତି, ଯେଉଁଥିରେ ଅନ୍ତର୍ଜାତୀୟ ସମ୍ମିଳନୀ, ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାର ଯୋଜନା ରହିଛି।

## ତହବୁର ରାଣା ଗିରଫ

ନୂଆଦିଲ୍ଲୀ, ୧୦।୪: ୨୬/୧୧ ମୁମ୍ବାଇ ଆକ୍ରମଣ ମାଷ୍ଟର ମାଇଣ୍ଡ ତହବୁର ରାଣା ଏକ ସ୍ୱତନ୍ତ୍ର ବିମାନରେ ଗୁରୁବାର ଭାରତରେ ପହଞ୍ଚିଛି । ରାଣାକୁ ଆମେରିକାରୁ ପ୍ରତ୍ୟର୍ପଣ କରାଯାଇଛି । ବିମାନଟି ଦିଲ୍ଲୀର ପାଲମ ବିମାନ ବନ୍ଦରରେ ଅବତରଣ କରିବା ମାତ୍ରେ, ଜାତୀୟ ତଦନ୍ତ ସଂସ୍ଥାର ଏକ ଦଳ ତାଙ୍କୁ ହେପାଜତକୁ ନେଇଛି । ରାଣା ବିରୋଧରେ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତି ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିବାର ଗମ୍ଭୀର ଅଭିଯୋଗ ରହିଛି । ଏବେ ଏନଆଇଏ ତାକୁ ପଚରାଉଚରା କରିବ ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ । ପାଲମ୍ ବିମାନ ବନ୍ଦରରେ ବିମାନ ଅବତରଣ ପରେ ଏନଆଇଏ ଟିମ୍ ତହବୁର ରାଣାକୁ ଗିରଫ କରି ପଟିଆଲା ହାଉସ୍ କୋର୍ଟରେ ହାଜର କରାଇବ । ସୂଚନା ଅନୁସାରେ ରାଣାକୁ ସ୍ୱତନ୍ତ୍ର ଏନଆଇଏ ଜଜଙ୍କ ସାମନାରେ ହାଜର କରାଯିବ । ଏଠାରେ ୨୬/୧୧ ମୁମ୍ବାଇ ଆକ୍ରମଣର ଷଡ଼ଯନ୍ତ୍ରରେ ସାମିଲ ହେବା ଅଭିଯୋଗର ଶୁଣାଣି ହେବ । କୋର୍ଟ ପରିସରକୁ ଅଭେଦ୍ୟ ସୁରକ୍ଷା ପାଚେରିରେ ପରିଣତ କରାଯାଇଛି । ଆମେରିକାରୁ ଆତଙ୍କୀ ତହବୁର ରାଣାର ପ୍ରତ୍ୟର୍ପଣ ପରେ ଏନଆଇଏ ଏକ ପ୍ରେସ୍ ରିଲିଜ୍ ଜାରି କରିଛି । ଏନଆଇଏ ଏହାକୁ ଏକ ବଡ଼ ସଫଳତା ବୋଲି ଦର୍ଶାଇଛି ।

### ହାଇକୋର୍ଟରେ ଜାଲ ଶିକ୍ଷକ ମାମଲା

## ୪୨୪ ଚାକିରିରୁ ବହିଷ୍କୃତ

କଟକ, ୧୦।୪: ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ୪୨୪ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ବୋଲି ହାଇକୋର୍ଟରେ ସତ୍ୟପାଠ ଦେଇଛନ୍ତି ରାଜ୍ୟ ସରକାର । ଅନ୍ୟପକ୍ଷରେ ୬ଟି ଜିଲ୍ଲାରେ ଏହି ଏହି ପ୍ରସଙ୍ଗକୁ ନେଇ ତଦନ୍ତ ଚାଲିଛି ବୋଲି ପୂର୍ବରୁ ସରକାର ଦର୍ଶାଇଥିବା ବେଳେ ସାନି ସ୍ଥିତି ନେଇ ୨୦୨୫ ମାର୍ଚ୍ଚ ୬ରେ ହାଇକୋର୍ଟ ମାଗିଥିବା ଜବାବ ସମ୍ପର୍କରେ ସରକାର କୌଣସି ତଥ୍ୟ ଦେଇପାରି ନାହାନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ବରଗଡ଼, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲା ସମ୍ପର୍କିତ ଷ୍ଟାଟସ ରିପୋର୍ଟ ନିଶ୍ଚିତ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କଡ଼ା ନିର୍ଦ୍ଦେଶ



ଦେଇଛନ୍ତି । ୬ଟି ଜିଲ୍ଲାରେ ଚାଲିଥିବା ତଦନ୍ତରୁ କ'ଣ ଫଳାଫଳ ମିଳିଛି ଏବଂ ଏବେ ସାନି ସ୍ଥିତି କ'ଣ ରହିଛି ସେ ନେଇ ଅବଗତ କରିବାକୁ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଜଷ୍ଟିସ ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସଞ୍ଜୟ କୁମାର ମହାରଣାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମେ ୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଗତ ମାର୍ଚ୍ଚ ୬ରେ ଦାଖଲ ସତ୍ୟପାଠରେ ରହିଥିବା ତଥ୍ୟ ଉପରେ ଆମିକସ କ୍ୟୁରି ପକ୍ଷ ରଖିଥିଲେ । ଜାଲ ଶିକ୍ଷକ ସମ୍ପର୍କିତ ତିନୋଟି ଜିଲ୍ଲାର ଷ୍ଟାଟସ ରିପୋର୍ଟ ଉପଲବ୍ଧ ନଥିବା ଆମିକସ କ୍ୟୁରି ଦର୍ଶାଇଥିଲେ । ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବାବଦରେ ଆସୁଥିବା ସରକାରୀ ଅର୍ଥ ହଡ଼ପ ନେଇ ଅଭିଯୋଗ ବା ରିପୋର୍ଟ ନାହିଁ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା । ମାମଲାରେ ଆମିକସ କ୍ୟୁରୀ ଭାବେ ଆଇନଜୀବୀ ସୁଦର୍ଶନ ନନ୍ଦଙ୍କୁ ହାଇକୋର୍ଟ ନିଯୁକ୍ତି ଦେଇଥିଲେ ।

# ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରାଯିବ: ମୁଖ୍ୟମନ୍ତ୍ରୀ

## ଶିକ୍ଷାର ବିକାଶ ପାଇଁ ହୋଇଛି ମହତ୍ୱାକାଂକ୍ଷୀ ଯୋଜନା

ଭୁବନେଶ୍ୱର, ୧୦।୪: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତରେ ଯାଇ ମଣ୍ଡଳପାଟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଛାତ୍ର ଛାତ୍ରୀ ଜିଲ୍ଲା, ରାଜ୍ୟ ତଥା ଭାରତ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୈନ୍ୟ ବିଭାଗ ଓ ପ୍ରଶାସନିକ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନେକ ଅବସର ନେଲେଣି। ନିକଟରେ ଦେଶ ମାତୃକାର ସେବାରେ ସହିଦ ହୋଇଥିବା ରାଜକିଶୋର ମୁଣ୍ଡା ଏ ବିଦ୍ୟାଳୟର ଜଣେ ସୁନାମଧନ୍ୟ ଛାତ୍ର ଥିଲେ। ଏ ବିଦ୍ୟାଳୟ ତାଙ୍କ ବଳିଦାନରେ ଗୌରବାନ୍ୱିତ। ସେଭଳି ବୀର ସନ୍ତାନଙ୍କ ପାଇଁ କେବଳ ଏ ବିଦ୍ୟାଳୟ ନୁହଁ, କେନ୍ଦୁଝର ଜିଲ୍ଲା ନୁହଁ ବରଂ ସମଗ୍ର ଓଡିଶା ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ଶିକ୍ଷାର ବିକାଶକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଜ୍ୟ ସରକାର ବିଦ୍ୟାଳୟ ଶିକ୍ଷା ବଜେଟକୁ ୩୧ ହଜାର କୋଟି ଟଙ୍କାରୁ ଅଧିକ କରିଛନ୍ତି। ଯାହା ପୂର୍ବ ବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ ଏବଂ ସମସ୍ତ ବିଭାଗ ମଧ୍ୟରେ ସର୍ବାଧିକ ଆବଣ୍ଟନ। ଏହି ଅଧିକ ଖର୍ଚ୍ଚ ରାଜ୍ୟରେ ଶିକ୍ଷା



ପାଇଁ ଉତ୍କୃଷ୍ଟ ଭିତ୍ତିଭୂମି ଗଢି ତୋଳିବାରେ ସାହାଯ୍ୟ କରିବ। ଶିକ୍ଷାର ବିକାଶ ପାଇଁ ଅନେକ ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଛି। ଶିଶୁ ବାଟିକା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପଞ୍ଚଶଖା ଶିକ୍ଷା ସେତୁ ଅଭିଯାନ ଆଦି ଯୋଜନା ଜରିଆରେ ସ୍କୁଲ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଝୁମ୍ପୁରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୭ତମ ବାର୍ଷିକ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରସ୍ୱତୀ ଶିଶୁ ମନ୍ଦିରର ପାଠପଢ଼ା ଶୈଳୀ ସମସ୍ତଙ୍କଠାରୁ ଭିନ୍ନ। ଏଠାରେ ପିଲାଙ୍କ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଏ। ତା ସହିତ ପିତାମାତା, ଗୁରୁ ତଥା ଗୁରୁଜନମାନଙ୍କୁ ସମ୍ମାନ, ସାନ ମାନଙ୍କୁ ଆଦର ଏବଂ ସାମାଜିକ ସୌହାର୍ଦ୍ଦ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଶିଶୁ ମନ୍ଦିରରେ ପାଠ ପଢ଼ିଥିବା ଛାତ୍ରଛାତ୍ରୀ ପ୍ରାୟତଃ ସମାଜରେ ବିପଥଗାମୀ ହୁଅନ୍ତି ନାହିଁ।

## ପ୍ରତି ବ୍ଲକରେ ଖେଳ ପଡ଼ିଆ

### ପଞ୍ଚାୟତରେ ମିନି ଷ୍ଟାଡିୟମ ଓ ଇନଡୋର ଷ୍ଟାଡିୟମ

କେନ୍ଦୁଝର ସଦର, ୧୦।୪: ଗୁରୁବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ସବ ଜୁନିୟର ବାଳକ ହ୍ୟାଣ୍ଡବଲ ଚମ୍ପିୟାନ ସିପରେ ଯୋଗ ଦେଇଥିଲେ। ତାଙ୍କ ସହ ପାଟଣା ବିଧାୟକ ଡାକ୍ତର ଫକିର ମୋହନ ନାଏକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଏଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୟ ଜଗନ୍ନାଥ ଜୟ ମା ତାରିଣୀ କହି ଖେଳାଳିଙ୍କୁ ସମ୍ବୋଧନ କରିଥିଲେ। ଏ ସରକାର କ୍ରୀଡାକୁ ପ୍ରାଧାନ୍ୟ ଦେଉଛନ୍ତି ଓ କ୍ରୀଡାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗଢ଼ି ତୋଳିବାକୁ ପ୍ରତି ବ୍ଲକରେ ମଧ୍ୟ ଖେଳକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତି ବ୍ଲକରେ ଖେଳ ପଡିଆ ଓ ପଞ୍ଚାୟତରେ ମିନି ଷ୍ଟାଡିୟମ ହେବ ଓ ଗୋଟିଏ ଗୋଟିଏ ଇନଡୋର ଷ୍ଟାଡିୟମ ମଧ୍ୟ ହେବ। ୧୪ଟି ଇନଡୋର ସୁଇମିଂ ପୁଲ, ତୀରନ୍ଦାଜ ଉନ୍ନତି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦୁଝରର ହ୍ୟାଣ୍ଡବଲ ପଡିଆ ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ। ହ୍ୟାଣ୍ଡବଲର ଆହୁରି ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତରର ଖେଳାଳୀ ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ପ୍ରଦାନ କରିବେ ବୋଲି ଆହ୍ୱାନ ଦେଇଥିଲେ।

ତିଥି : (ଚତୁର୍ଦ୍ଦଶୀ) : (ଉତ୍ତରାଫାଃ କନ୍ୟା )
ଅମୃତବେଳା:ପ୍ରାଘ ୬।୨୪ ଗତେ ଦିଘ ୧।୨ ମଧ୍ୟେ

## ଆଜିର ଅନୁଚିନ୍ତନ

ସ୍ଥିର ଚିତ୍ତ କାରଣରୁ ହୁଏ ନାହିଁ କ୍ଷତି
ଯେଉଁ ବିଷୟେ ଜ୍ଞାନୀର ନ ଥାଏ ଆସକ୍ତି।।
- ଶ୍ରୀମଦ୍ ଭଗବଦ୍ ଗୀତା

# ମୂଳମନ୍ତ୍ର ପ୍ରତିରୋଧ

କୌଣସି ଲାଭଜନକ ବ୍ୟବସାୟ ସ୍କିମ୍ ଅଥବା ଏଭଳି କିଛି ଆର୍ଥିକ ଲୋଭ ଦେଖାଇ ଅନଲାଇନ,ଫୋନ,ମେଲ ବା ମ୍ୟାସେଜ ଆସିଲେ ତାହାକୁ ଏଡ଼ାଇ ନ ପାରିଲେ ଦିନେ ହୁଏତ ଏପରି ଗ୍ରାହକଙ୍କୁ ପିଗ ବୁଚରିଂର ଶିକାର ହେବାକୁ ପଡ଼ିବା ଅବଶ୍ୟମ୍ଭାବୀ। ଲୋଭ ଓ ଆକର୍ଷଣରୁ ବର୍ତ୍ତିବା ଦରକାର ତଥା ଏଥିପ୍ରତି ସାବଧାନ ରହିବା ଲୋଡ଼ା। ଗୋଟିଏ ଛୋଟ ଘୁଷୁରିକୁ କୃତ୍ରିମ ଉପାୟରେ ବଢ଼ାଇକୁଢ଼ାଇ ପରିଶେଷରେ ତାହାକୁ ହତ୍ୟା କରି ତା'ମାଂସ ବିକ୍ରି ପୂର୍ବକ ପ୍ରଚୁର ଲାଭ ଉଠାଇବା ହେଉଛି ପିଗ ବୁଚରିଂ । ଯେଉଁ ଠକେଇ କୌଶଳର ଉତ୍ସ ଚୀନର ସୃଷ୍ଟି ହୋଇଥିଲା ବୋଲି କୁହାଯାଏ। କେତେବେଳେ ସିବିଆଇ ତ କେତେବେଳେ କ୍ରାଇମ ବ୍ରାଞ୍ଚ ଅଧିକାରୀ ବୋଲାଇ ସାଇବର ଠକମାନେ ଡିଜିଟାଲ ଆରେଷ୍ଟ କରିବା ଏକ ଧରାବନ୍ଧା ଅପରାଧରେ ପରିଣତ ହୋଇସାରିଲାଣି।

ନିକଟରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଲୋକସଭାରେ ସାଇବର ଅପରାଧ ନିୟନ୍ତ୍ରଣ କରିବା ପାଇଁ ଯେଉଁ ସବୁ ପଦକ୍ଷେପ ନେଇଛନ୍ତି ସେ ସଂପର୍କରେ ରଖିଥିବା ସୂଚନା ମୁତାବକ କେନ୍ଦ୍ର ସରକାର ଠକାମି କଲ୍ ଆସୁଥିବା ୮୩ ହଜାର ୬୬୮ଟି ହ୍ୱାଟସଅପ୍ ଓ ୩୯୬୨ ସ୍କାଇପ ଆକାଉଣ୍ଟ ବ୍ଲକ କରିଛନ୍ତି। ସେହିଭଳି ୭,୮୧,୦୦୦ ସିମ କାର୍ଡ ଓ ୨,୦୮,୪୬୯ ଆଇଏମଇଆଇକୁ ମଧ୍ୟ ଅକାମୀ କରିଛନ୍ତି।

ସାଇବର ଅପରାଧ ରୋକିବା ପାଇଁ ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ସ୍ଥାପନ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ତଥ୍ୟ ବ୍ୟତିରେକ ସାଇବର ଅପରାଧ ସଂପର୍କିତ ଫଜୀକୃତ ମାମଲା ୨୦୨୧ରୁ ଏଯାବତ୍ ୧୩୩ ନିୟୁତ ହୋଇ ସାରିଲାଣି। ସେମିତି ଠକେଇ ହୋଇଥିବା ଅର୍ଥର ପରିମାଣ ହେଉଛି ୪,୩୮୬କୋଟି।

ସାଇବର ଠକଙ୍କ ମୁଖ୍ୟ ସାଧନ ସୋସିଆଲ ମିଡିଆ। କୋଟି କୋଟି ଟଙ୍କା ଶହ ଶହ କିଲୋମିଟର ଦୂରରେ ଥାଇ ସାଇବର ଠକ ଠକିନେବା ଯେଭଳି ଦ୍ରୁତ ଗତିରେ ଘଟୁଛି ସେ ସଂକ୍ରାନ୍ତ ମାମଲା ଧରିବାରେ ଅଧିକାଂଶ କ୍ଷେତ୍ରରେ ସମୟସାପେକ୍ଷ ତଥା ବ୍ୟୟବହୁଳ ହେଉଥିବା କଥା ଚର୍ଚ୍ଚାକୁ ଆସିଲାଣି।

ବିଶେଷ କରି ଝାଡ଼ଖଣ୍ଡର ଜାମତରା, ହରିଆଣାର ମେୱାଟ, ରାଜସ୍ଥାନର ଭରତପୁର, ୟୁପିର ମଥୁରା ପ୍ରଭୃତି ସ୍ଥାନ ସାଇବର ଲୁଟେରାଙ୍କ ଭୂସ୍ୱର୍ଗ ଭାବେ ଜଣାଶୁଣା। ସେମାନେ ଲୁଟପାଟ କରି ଆତଙ୍କ ରଚାଇବା ଧାରାରେ ପରିଣତ ହେଲାଣି। କେବଳ ସେତିକି ନୁହେଁ,ନୂଆ କୌଶଳ ସେମାନେ ଆପଣାଉଛନ୍ତି। ଅଧିକ ଭାବରେ ଶିକ୍ଷିତମାନେ ଏହି ଅପରାଧ ଜଗତରେ ଆତଯାତ ହେଉଛନ୍ତି। ବହୁ ସମୟରେ ଠକେଇରେ ଶିକାର ହେବା ସତ୍ତ୍ୱେ ବହୁ ଲୋକ ଚୁପ୍ ରହୁଛନ୍ତି। ଆମ ରାଜ୍ୟରେ ଟୋଲଫ୍ରି ନମ୍ବର ୧୯୩୦ଏପରି ଆର୍ଥିକ ଠକେଇ ରୋକିବା ପାଇଁ କାର୍ଯ୍ୟ କରୁଛି। ଏନେଇ ସଚେତନତା ଅଧିକରୁ ଅଧିକ ଜରୁରୀ।ପୋଲିସ ଯଦି ଜନସାଧାରଣଙ୍କ ସର୍ବସାଧାରଣ ସ୍ଥାନକୁ ଆସି କୁହନ୍ତା ତଥା ସଚେତ କରନ୍ତା ତେବେ କିଛିଟା ଭିଡ଼ ହୋଇ ବ୍ୟାପକ ପ୍ରଚାର ପ୍ରସାର ହୋଇପାରନ୍ତା । ପୋଲିସ-ଜନତା ସୌଜନ୍ୟ ସଂପର୍କ ମଧ୍ୟ ବଢ଼ନ୍ତା। ସୁତରାଂ ବିଭିନ୍ନ ଭାବରେ ସଚେତନତା ଜାରି ରହିଲେ ସାଇବର ଅପରାଧୀ ଅନେକାଂଶରେ ସାବାଡ ହୋଇପାରନ୍ତେ।

# ଆପଣ ବି ଦେଇପାରିବେ ଅମୂଲ୍ୟ ଜୀବନ

**ଅଶ୍ୱିନୀ କୁମାର ବାରିକ**

" ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେଟ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ । ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ । ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ । ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ । ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟ ମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ ।

ଅନ୍ୟର ଜୀବନ ବଞ୍ଚାଇବା ଠାରୁ ବଡ଼ ପୁଣ୍ୟ କ'ଣ ହୋଇପାରେ ? ବୋଧହୁଏ ଏଥିପାଇଁ ଲୋକମାନେ ରକ୍ତଦାନ କରିବାରେ ସନ୍ତୋଷ ପାଆନ୍ତି। ଯେ କୌଣସି ସ୍ୱାସ୍ଥ୍ୟବାନ ବ୍ୟକ୍ତି ରକ୍ତଦାନ କରିପାରନ୍ତି, କାରଣ ଏଥିରେ କୌଣସି କ୍ଷତି ନଥାଏ। ଆମ ଦେଶରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଶହୀଦ ଦିବସ ଆଦି ଅବସରରେ ଗଣରକ୍ତଦାନ ଶିବିରମାନ ଆୟୋଜିତ ହେଉଥିବାବେଳେ ବର୍ଷର ବିଭିନ୍ନ ଦିବସରେ ରେଡ଼କ୍ରସ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନେ ନିୟମିତ ରକ୍ତଦାନ ଶିବିରର ଆୟୋଜନ କରିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଅନେକଙ୍କ ମନରେ ରକ୍ତଦାନକୁ ନେଇ ଭୟ ରହିଛି। କିଛି ଲୋକ ଭାବନ୍ତି ରକ୍ତ ଦେଲେ ଶରୀର ଦୁର୍ବଳ ହୋଇଯାଇପାରେ । ତା'ହେଲେ ଆସନ୍ତୁ ଜାଣିବା ରକ୍ତଦାନ ସମ୍ପର୍କରେ କିଛି ତଥ୍ୟ ।

ରକ୍ତଦାନ ପାଇଁ ଜଣଙ୍କର ଆବଶ୍ୟକ ଯୋଗ୍ୟତା ହେଉଛି ସେ ୧୮ରୁ ୬୦ ବର୍ଷ ବୟସ ଭିତରେ ହୋଇଥିବେ।



ଓଜନ ୪୫ କିଗ୍ରା ବା ତାଠାରୁ ଅଧିକ । ପଲ୍ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିବ । ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବ । ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନ ହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି । ରକ୍ତଦାନର ଚବିଶ ଘଣ୍ଟା ପୂର୍ବରୁ ନିଶାଦ୍ରବ୍ୟ ବା ମଦ୍ୟ ପାନ କରିଥିବା ଲୋକଙ୍କ କ୍ଷେତ୍ରରେ ସତର୍କତା ଲୋଡ଼ା ପଡ଼ିଥାଏ । ଏହାର ପ୍ରଭାବ ରକ୍ତ ନେଉଥିବା ବ୍ୟକ୍ତିର ରକ୍ତକୁ ଯାଉନାହିଁ ବରଂ ରକ୍ତଦାନ କରୁଥିବା ବ୍ୟକ୍ତିର ଅଙ୍ଗ ଅସୁସ୍ଥ ହୁଏ । କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ । ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ଋତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ। ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ । ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ । ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ । ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି । ଥାୟରଏଡ଼ କିମ୍ବା ହରମୋନ ଅସନ୍ତୁଳନ ରୋଗ ଥିଲେ । ଯେଉଁ ବ୍ୟକ୍ତି ନିଜେ ରକ୍ତ ନେଇଥିବେ ବର୍ଷେ ପୂର୍ବରୁ ସେ ରକ୍ତଦାନ କରିପାରିବେ ନାହିଁ । ଜେନେଟିକ୍ ଡିଜଅର୍ଡ଼ର ବା ମାନସିକ ରୋଗ ଥିବା ବ୍ୟକ୍ତିମାନେ । ଡିପ୍ରେସନ ଔଷଧ ଖାଉଥିବା ଲୋକମାନେ ମଧ୍ୟ ରକ୍ତ ଦେଇପାରିବେ ନାହିଁ। ଯେଉଁ ମହିଳାମାନଙ୍କର ୬ମାସ ମଧ୍ୟରେ ଗର୍ଭପାତ ହୋଇଛି କିମ୍ବା ୧ବର୍ଷ ମଧ୍ୟରେ ଅସ୍ତ୍ରୋପଚାର ହୋଇଛି । କୁକୁର କାମୁଡ଼ା ଇଞ୍ଜେକ୍ସନ ନେଇଥିବା ଲୋକମାନେ ୧ବର୍ଷ ମଧ୍ୟରେ ରକ୍ତ ଦେଇପାରିବେ ନାହିଁ । କୁକୁର କାମୁଡ଼ିବା ପରେ ଇଞ୍ଜେକ୍ସନ ନେଇନଥିବା ବ୍ୟକ୍ତିମାନେ ସାରା ଜୀବନ ରକ୍ତ ଦେବେ ନାହିଁ । ହାଡ଼ ଭାଙ୍ଗିଥିଲେ, ଅସ୍ତ୍ରୋପଚାର ଏବଂ ଗଲ୍ ବ୍ଲାଡ଼ର ରିମୁଭ ହୋଇଥିବା ବ୍ୟକ୍ତିମାନେ ୬ ମାସ ମଧ୍ୟରେ ଦେଇପାରିବେ ନାହିଁ । ଅପସ୍ମାର କିମ୍ବା କୁଷ୍ଠରୋଗୀମାନେ ରକ୍ତଦାନ କରିପାରିବେ ନାହିଁ । ଏକାଧିକ ଯୌନ ସାଥୀ ଥିବା ବ୍ୟକ୍ତିମାନେ । ଟାଟୁ କରିଥିଲେ ୬ ମାସ ମଧ୍ୟରେ । ଦାନ୍ତ ଫିଲିଂ କରିଥିଲେ କିମ୍ବା ଚିକିତ୍ସା କରିଥିଲେ ୩ ମାସ ପର୍ଯ୍ୟନ୍ତ । ମ୍ୟାଲେରିଆ ହୋଇଥିଲେ ୩ମାସ ପର୍ଯ୍ୟନ୍ତ ଏବଂ ଟାଇଫଏଡ଼ ହୋଇଥିଲେ ୧ ବର୍ଷ ପର୍ଯ୍ୟନ୍ତ । ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି । ଯେଉଁମାନଙ୍କ ଠାରେ ଏଡ଼୍‌ସର କୌଣସି ଲକ୍ଷଣ ଅଛି । ଯେଉଁମାନଙ୍କର ହିମୋଗ୍ଲୋବିନ୍ ୧୮ ବା ୧୯ ଉପରକୁ ଚାଲିଯାଇଥିବ । ଯେଉଁମାନେ ଇନ୍‌ସୁଲିନ୍ ନେଉଛନ୍ତି । ଯଦି ରକ୍ତ ଶର୍କରା ଔଷଧ ଦ୍ୱାରା ନିୟନ୍ତ୍ରଣରେ ଅଛି ତା'ହେଲେ ରକ୍ତଦାନ କରିପାରିବେ । ଯେଉଁମାନଙ୍କର ମୁଣ୍ଡ ବ୍ୟଥା ବା ପେଟରୋଗ ଅଛି ।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତିଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗ ମାନଙ୍କୁ ରକ୍ତ ଦରକାର ପଡ଼ିଥାଏ। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେଟ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ । ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ । ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ। ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ । ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟ ମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ ।

ବୁଦ୍ଧିସାହୁ, କୁନ୍ଦେଶ୍ୱର, ବାଲିକୁଦା, ଜଗତସିଂହପୁର,
ମୋ : ୯୩୩୭୦୫୫୬୨୨

# ଛେନାପୋଡ଼ ଦିବସ

**ରବିନାରାୟଣ ପଟ୍ଟନାୟକ**

ପ୍ରତି ଓଡ଼ିଆଙ୍କ ପ୍ରିୟ ଛେନାପୋଡ଼ । ପିଲାଠୁ ବୁଢା ସଭିଁଏ ଛେନାପୋଡ଼ ଖାଇବାକୁ ଭାରି ପସନ୍ଦ କରିଥାଆନ୍ତି । ଆଉ ଆଜି ହେଉଛି 'ଛେନାପୋଡ଼ ଦିବସ' । ମିଠା, ନାଁ ଶୁଣୁ ଶୁଣୁ ନାନା ପ୍ରକାରର ସ୍ୱାଦିଷ୍ଟ ମିଠା ମନକୁ ଆସିଯାଏ । ଓଡିଆଙ୍କ ପରମ୍ପରା ତ ପିଠା ଆଉ ମିଠାରୁ ଜଣା ପଡିଯାଏ । ପଖାଳ ଦିବସ, ରସୋଗଲା ଦିବସ ଭଳି ଆଜି ହେଉଛି ଛେନା ପୋଡ ଦିବସ । ଛେନାପୋଡ ନାଁ ଶୁଣିଲେ ପାଟିରେ ପାଣି ଆସିଯାଏ । ଥରେ ଯିଏ ଏହାର ସ୍ୱାଦ ପାଇଛି ଆଉ ଥରେ ଖାଇବାକୁ ମନ ବଳାଇଛି ନିଶ୍ଚୟ । ପିଲାଠୁ ବୁଢା ସମସ୍ତଙ୍କ ପସନ୍ଦ ଛେନାପୋଡ । ଛେନାପୋଡ଼ର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା ବା ପୋଡ଼ି କରି ତିଆରି



କରାଯାଇଥିବା ଛେନାରେ ପ୍ରସ୍ତୁତ ଏକ ମିଠା ।

ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଏ ।ଛେନାପୋଡ଼ ହେଉଛି ଗୋଟିଏ ଓଡ଼ିଆ ମିଠା। ଯାହା ଛେନା, ଚିନି, ସୁଜି, କାଜୁ, କିସମିସ ବ୍ୟବହାର କରି ତିଆରି କରାଯାଏ। ଛେନାପୋଡ଼ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା। ଛେନାକୁ ପୋଡ଼ି ତିଆରି କରାଯାଇଥିବା ମିଠା। ଛେନା ବାଦାମୀ ହେବା ପର୍ଯ୍ୟନ୍ତ ଏହାକୁ ପୋଡ଼ାଯାଇଥାଏ ।ଛେନାପୋଡ଼ କଥା ଆସିଲେ ପାଟିରୁ ଲାଳ ଗଡ଼ିଯାଏ । ଦେଖିଲେ ମନ ହୁଏ ଖାଇବା ପାଇଁ । କ୍ଷୀରରୁ ଛେନା ପ୍ରସ୍ତୁତି ପରେ ଏଥିରେ ଅନ୍ୟାନ୍ୟ ଦ୍ରବ୍ୟ ମିଶାଇ ତିଆରି ହୁଏ ସୁଆଦିଆ ଛେନାପୋଡ଼ । ଭାଗମାପରେ ଟିକିଏ ବ୍ୟତିକ୍ରମ ହେଲେ ସବୁ କିଛି ନଷ୍ଟ ହୋଇଯିବାର ଆଶଙ୍କା ମଧ୍ୟ ରହିଛି । ନୟାଗଡ଼ ଜିଲ୍ଲାରୁ ପ୍ରତିଦିନ ଶହଶହ କେଜି ଛେନାପୋଡ଼ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠା ଯାଇଥାଏ । କାରଣ ବେଶ୍ ନାଁ ରହିଛି ନୟାଗଡ଼ ଛେନାପୋଡ଼ର । ଓଡ଼ିଶା ସମେତ ବାହାର ରାଜ୍ୟରେ ମଧ୍ୟ ଏବେ ଛେନାପୋଡ଼ର ଚାହିଦା ଖୁବ୍ ରହିଛି ।

ଛେନାପୋଡ କଥା ଆସିଲେ ସମସ୍ତେ ପ୍ରାୟ ନୟାଗଡ କଥା ଭାବନ୍ତି ମାତ୍ର ଏବେ ଛେନାପୋଡ ଖାଲି ନୟାଗଡର ନୁହେଁ ସମଗ୍ର ଓଡିଶାର ପରିଚୟ ହୋଇଛି । ନୟାଗଡ଼ରୁ ସୃଷ୍ଟି ଏହି ଛେନାପୋଡ଼କୁ ଏବେ ବିଶ୍ୱସ୍ତରୀୟ କରିବାକୁ ଅଣ୍ଟା ଭିଡିଛନ୍ତି ସମସ୍ତେ। ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିବା ସୁଦର୍ଶନ ସାହୁଙ୍କ ଜନ୍ମଦିନ ଏପ୍ରିଲ ୧୧କୁ ବିଶ୍ୱ ଛେନାପୋଡ଼ ଦିବସ ରୂପେ ପାଳନ କରୁଛନ୍ତି ସମସ୍ତେ। ସୁଦର୍ଶନ ଏକ ଜଳଖିଆ ଦୋକାନ କରି ପରିବାର ପୋଷୁଥିଲେ। ଏକଦା ତାଙ୍କ ଦୋକାନରେ କିଛି ଛେନା ବଳକା ରହିଯାଇଥିଲା । ତାହା ସକାଳକୁ ଖରାପ ହୋଇଯିବ ଭାବି ସେଥିରେ କିଛି ଚିନି ଓ କିଛି ଚାଉଳ ଚୁନା ମିଶାଇ ରଡ଼ ନିଆଁରେ ଛେନାକୁ ପୋଡ଼ିଦେଇଥିଲେ। ଏହାପରେ ତାହା ଏକ ପିଠା ଆକାରର ହୋଇଥିଲା। ପ୍ରଥମେ ତାହା ଛେନାପୋଡ଼ ପିଠା ହୋଇଥିଲା। ପରେ ଏହା ପିଠାରୁ ମିଠା ପାଲଟିଥିଲା। ଖୁବ୍ କମ୍ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମିଠା ବେଶ ନାଁ କରିଥିଲା । ବର୍ତ୍ତମାନ ଯଦିଓ ରାଜ୍ୟ ତଥା ରାଜ୍ୟ ବାହାରେ ଛେନାପୋଡ଼ ମିଳୁଛି ତେବେ ନୟାଗଡ଼ ଛେନାପୋଡ଼ର ଆଦର କମିନାହିଁ।

ପଟିଆ, ଭୁବନେଶ୍ୱର
ମୋ- ୯୯୩୭୭୭୩୭୭୭

# ଭାରତରେ ଦିନକୁ ୫୨ ଗର୍ଭବତୀଙ୍କ ମୃତ୍ୟୁ

**ଡାକ୍ତର କାନ୍ତୀ ନାୟକ**

" ଆଜି ନିରାପଦ ମାତୃତ୍ୱ ଦିବସ। ଜାତିସଂଘର ଏକ ସର୍ବଶେଷ ରିପୋର୍ଟ ମୁତାବକ ବିଶ୍ୱରେ ପ୍ରତି ୨ମିନିଟରେ ଜଣେ ଗର୍ଭବତୀ କିମ୍ବା ପ୍ରସୂତୀଙ୍କ ମୃତ୍ୟୁ ହାନୀ ହେଉଛି। ଭାରତରେ ହାରାହାରି ୫୨ ଗର୍ଭବତୀ ବା ପ୍ରସୂତୀ ମହିଳାଙ୍କ ଜୀବନ ପ୍ରତିଦିନ ଅକାଳରେ ଚାଲିଯାଉଛି। ଗତ ୨୦୨୩ରେ ଭାରତରେ ପ୍ରାୟ ୧୯ ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା। ସମଗ୍ର ବିଶ୍ୱରେ ଏହି ତାଲିକାରେ ନାଇଜେରିଆର ସ୍ଥାନ ପ୍ରଥମ ଥିବାବେଳେ ଭାରତର ସ୍ଥାନ ଦ୍ୱିତୀୟ। ୨୦୨୩ରେ ମହିଳାଙ୍କ ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁଁ ବିଶ୍ୱରେ ପ୍ରାୟ ୨ଲକ୍ଷ ୬୦ ହଜାର ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ରୁ ୨୦୨୩ ମଧ୍ୟରେ ଭାରତରେ ମାତୃ ମୃତ୍ୟୁହାର (ପ୍ରତି ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମ ଦେଉଥିବା ପ୍ରସୂତୀଙ୍କ ମଧ୍ୟରେ ମୃତ୍ୟୁ ଘଟୁଥିବା ମହିଳାଙ୍କ ସଂଖ୍ୟା)। ୨୦୦୦ ମସିହାରେ ୩୬୨ ଥିଲାବେଳେ ୨୦୨୩ରେ ତାହା ୮୦କୁ ହ୍ରାସ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ମୁତାବକ ସ୍ୱାସ୍ଥ୍ୟ ସେବା ସୁବିଧାର ବୃଦ୍ଧି ଯୋଗୁ ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ମାତୃମୃତ୍ୟୁ ହାର ୪୦% ହ୍ରାସ ପାଇଛି। ତେବେ ସ୍ୱାସ୍ଥ୍ୟଗତ ଜଟିଳତା ଦେଇ ଗତି କରୁଥିବା ଗର୍ଭବତୀ ମହିଳାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି।

ଭାରତ ଭଳି ଏକ ବିକାଶଶୀଳ ଦେଶମାନଙ୍କରେ କ୍ରମାଗତ ଭାବେ ବିଳମ୍ବିତ ବିବାହ ବଢ଼ି ଚାଲିଥିବାରୁ ଏହା ଏବେ ଚିନ୍ତାର କାରଣ ପାଲଟିଛି। ଏହାର କାରଣ ହେଉଛି ମହିଳାମାନେ ଏବେ ନିଜର କ୍ୟାରିୟର ପ୍ରତି ସଜାଗ ରହୁଥିବାରୁ ବିବାହର ପ୍ରକୃତ ବୟସ ଗଡ଼ିଯାଉଛି। ଭାରତରେ ମାତୃତ୍ୱର ପ୍ରକୃତ ବୟସ ୩୦ ବର୍ଷକୁ କୁହାଯାଉଥିବା ବେଳେ ଏହା ଏବେ ୩୫ ବର୍ଷ ସୀମାକୁ ଟପିବାରେ ଲାଗିଛି। ଫିଗୋ (ଦି କାଉନ୍‌ସିଲ ଅଫ୍ ଇଣ୍ଟରନ୍ୟାସନାଲ ଫେଡ଼େରେସନ ଅଫ୍ ଅବଷ୍ଟେଟ୍ରିକ୍ସ ଆଣ୍ଡ ଗାଇନୋଲୋଜି) ଅନୁଯାୟୀ ୩୫ବର୍ଷରୁ ବେଶୀ ବୟସର ପ୍ରଥମ ଗର୍ଭଧାରଣଙ୍କୁ 'ବୟସ୍କା ପ୍ରଥମାଗର୍ଭା' ବୋଲି କୁହାଯାଇଥାଏ। ନିଜ ପ୍ରଜନନ ସମୟ ସୀମା ଶେଷ ପର୍ଯ୍ୟାୟରେ ଗର୍ଭଧାରଣର ଗୁରୁତର ଜଟିଳତା ସହିତ ବୟସର ଯେଉଁ ସାଧାରଣ ଜଟିଳତାକୁ ସାମନା କରିଥାନ୍ତି ସେଗୁଡ଼ିକ ହେଉଛି - ରକ୍ତଚାପ, ମଧୁମେହ ରୋଗ, ହୃଦ୍‌ରୋଗ, ବୃକକ୍‌ଜନିତ ଓ ଭେଷଜନିତ ରୋଗ। ଏହାଛଡ଼ା ବେଶୀ ବୟସରେ ଗର୍ଭ ଧାରଣ କଲାପରେ ଜନ୍ମଗତ ବିକଳାଙ୍ଗତା, ଯମଜଗର୍ଭ, ଅପରିପକ୍ୱ ପ୍ରସବ ଓ ସାଧାରଣ ଉପସ୍ଥାନ ଭଳି ସମସ୍ୟା ଆଦି ଦେଖାଦେଇଥାଏ। ଏହିଭଳି ସମସ୍ୟା ଦେଖାଦେଇଥିବା ମହିଳାମାନଙ୍କର ସାଧାରଣ ପ୍ରସବ ନହୋଇ ସିଜରିଆନ୍ ଅପରେସନ ଦ୍ୱାରା ପ୍ରସବ ହୋଇଥାଏ। ଏହି କାରଣରୁ ମଧ୍ୟ ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ।

ଆଜି ନିରାପଦ ମାତୃତ୍ୱ ଦିବସ। ଜାତିସଂଘର ଏକ ସର୍ବଶେଷ ରିପୋର୍ଟ ମୁତାବକ ବିଶ୍ୱରେ ପ୍ରତି ୨ମିନିଟରେ ଜଣେ ଗର୍ଭବତୀ କିମ୍ବା ପ୍ରସୂତୀଙ୍କ ମୃତ୍ୟୁ ହାନୀ ହେଉଛି। ଭାରତରେ ହାରାହାରି ୫୨ ଗର୍ଭବତୀ ବା ପ୍ରସୂତୀ ମହିଳାଙ୍କ ଜୀବନ ପ୍ରତିଦିନ ଅକାଳରେ ଚାଲିଯାଉଛି। ଗତ ୨୦୨୩ରେ ଭାରତରେ ପ୍ରାୟ ୧୯ ହଜାର ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା। ସମଗ୍ର ବିଶ୍ୱରେ ଏହି ତାଲିକାରେ ନାଇଜେରିଆର ସ୍ଥାନ ପ୍ରଥମ ଥିବାବେଳେ ଭାରତର ସ୍ଥାନ ଦ୍ୱିତୀୟ। ୨୦୨୩ରେ ମହିଳାଙ୍କ ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁଁ ବିଶ୍ୱରେ ପ୍ରାୟ ୨ଲକ୍ଷ ୬୦ ହଜାର ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ରୁ ୨୦୨୩ ମଧ୍ୟରେ ଭାରତରେ ମାତୃ ମୃତ୍ୟୁହାର (ପ୍ରତି ୧ଲକ୍ଷ ଜୀବନ୍ତ ଶିଶୁ ଜନ୍ମ ଦେଉଥିବା ପ୍ରସୂତୀଙ୍କ ମଧ୍ୟରେ ମୃତ୍ୟୁ ଘଟୁଥିବା ମହିଳାଙ୍କ ସଂଖ୍ୟା)। ୨୦୦୦ ମସିହାରେ ୩୬୨ ଥିଲାବେଳେ ୨୦୨୩ରେ ତାହା ୮୦କୁ ହ୍ରାସ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ମୁତାବକ ସ୍ୱାସ୍ଥ୍ୟ ସେବା ସୁବିଧାର ବୃଦ୍ଧି ଯୋଗୁ ୨୦୦୦ରୁ ୨୦୨୩ ମଧ୍ୟରେ ବିଶ୍ୱରେ ମାତୃମୃତ୍ୟୁ ହାର ୪୦% ହ୍ରାସ ପାଇଛି। ତେବେ ସ୍ୱାସ୍ଥ୍ୟଗତ ଜଟିଳତା ଦେଇ ଗତି କରୁଥିବା ଗର୍ଭବତୀ ମହିଳାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ରିପୋର୍ଟରେ କୁହାଯାଇଛି। ଅତ୍ୟଧିକ ରକ୍ତସ୍ରାବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ ଆଦି ମୃତ୍ୟୁର ପ୍ରମୁଖ କାରଣ। ସେହିଭଳି ମଧୁମେୟ ହୃଦରୋଗ ମଧ୍ୟ ଗର୍ଭବତୀଙ୍କ ଜୀବନକୁ ଅଧିକ ବିପଦରେ ପକାଉଥିବା ଜାତିସଂଘ ତା ରିପୋର୍ଟରେ ଦର୍ଶାଇଛି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ୩୫ରୁ ୪୯ ବର୍ଷ ବୟସରେ



ପ୍ରଥମ ଗର୍ଭଧାରଣ ଶତକଡ଼ା ୮.୬ ଥିବାବେଳେ ପ୍ରଥମ ଗର୍ଭଧାରଣ ଶତକଡ଼ା ୨.୪ରୁ ୩.୪କୁ ବୃଦ୍ଧି ପାଇଛି। ତେଣୁ ୩୫ ବୟସ ବା ତଦୁର୍ଦ୍ଧ ବୟସରେ ମାତୃତ୍ୱ ଲାଭ କରୁଥିବା ମା' ଓ ଶିଶୁଙ୍କ ପାଇଁ ଏଭଳି ଗର୍ଭଧାରଣ ବିପଜ୍ଜନକ ପରିଲକ୍ଷିତ ହୋଇଥାଏ। ଏହାକୁ ହାଇରିସ୍କ ପ୍ରେଗ୍‌ନାନ୍ସି ବୋଲି କୁହାଯାଏ। ନିକଟରେ ଏକ ଚମକପ୍ରଦ ଖବର ଶୁଣିବାକୁ ମିଳିଥିଲା ଯେ, ମାସିକ ଋତୁସ୍ରାବର ବିରତି ପରେ ମଧ୍ୟ ୬୫ ବର୍ଷ ବୟସରେ ଜଣେ ମହିଳା ଗର୍ଭଧାରଣ କରିବାରେ ସକ୍ଷମ ହୋଇଛନ୍ତି। ଆଣ୍ଡ୍ରୋପଜ୍ ପରେ ମଧ୍ୟ ପୁରୁଷମାନେ ୮୦ ବର୍ଷ ବୟସରେ ପିତୃତ୍ୱ ଲାଭ କରିପାରୁଛନ୍ତି। ବୟସ୍କା ମହିଳାମାନଙ୍କ ମଧ୍ୟରୁ କେତେଜଣ ଅଭାବନୀୟ ପରିସ୍ଥିତିରେ ଗର୍ଭଧାରଣ କଲାବେଳେ ଆଉକିଛି ବହୁବର୍ଷ ଧରି ବନ୍ଧ୍ୟା ରହିବା ପରେ ଗର୍ଭଧାରଣ କରିଥାନ୍ତି ଏବଂ ଅବଶିଷ୍ଟ ମହିଳା ନିଜ ଠାରୁ କମ୍ ବୟସର ମହିଳାଙ୍କ ନିଜ ଠାରୁ କମ୍ ବୟସର ମହିଳାଙ୍କ ଠାରୁ ଡିମ୍ବ ନେଇ ଗର୍ଭଧାରଣ କରିଥାନ୍ତି।

**ବିଳମ୍ବିତ ବିବାହରେ ସମସ୍ୟା :**

**ବନ୍ଧ୍ୟାଦୋଷ :** ବୟସ ବଢ଼ିବା ସହିତ ଗର୍ଭଧାରଣ କରିବା ଶକ୍ତି କମି ଯାଏ, କାରଣ ବୟସ୍କା ମହିଳାମାନଙ୍କର ଡିମ୍ବ କୋଷରୁ ଡିମ୍ବ ନିର୍ଗତ ହେବା କମିଯାଏ। **ଗର୍ଭପାତ :** ବୟସ୍କା ମହିଳାମାନଙ୍କ ଡିମ୍ବରେ ଜନ୍ମଗତ ବିକଳାଙ୍ଗତା 'କ୍ରୋମୋ ଜୋମାଲ ଆନୋମାଲି' ଥିବାରୁ ବେଶି ଗର୍ଭନଷ୍ଟ ହୁଏ। ଏମାନଙ୍କର ଜରାୟୁ ଝିଲ୍ଲୀ ବିକଶିତ ହୋଇନଥିବାରୁ ଗର୍ଭପାତ ୬ଗୁଣ ଅଧିକା ହୋଇଥାଏ।

**ଶିଶୁ ବିକଳାଙ୍ଗତା :** ୩୫ବର୍ଷରୁ ଅଧିକ ବୟସ୍କା ମହିଳାମାନଙ୍କର ମଳାଶିଶୁ ଜନ୍ମ ହେବାର ଆଶଙ୍କା ଅଧିକ ଦେଖାଦେଇଥାଏ। **ଉଚ୍ଚରକ୍ତ ଚାପ :** ବୟସ ବଢ଼ିବା ସହିତ ଉଚ୍ଚ ରକ୍ତଚାପ ଦେଖାଦେଇଥାଏ। ଯାହାଫଳରେ ବିଳମ୍ବରେ ବିବାହ କରୁଥିବା ମହିଳା ଅଧିକ ରକ୍ତଚାପର ସମ୍ମୁଖୀନ ହୋଇଥାନ୍ତି।

**ଜରାୟୁ ଅର୍ବୁଦ୍ ଫ୍ରଇବ୍ରଏଡ୍ :** ଶତକଡ଼ା ୧୦ ଭାଗ ବୟସ୍କା ମହିଳାଙ୍କୁ ଏହି ରୋଗ ହୋଇଥାଏ। ଏହାଦ୍ୱାରା ଗର୍ଭପାତ ଓ ଅପରିଣତ ପ୍ରସବ ଆଦି ହୋଇଥାଏ।

**ମଧୁମେହ :** ଅଧିକ ବୟସରେ ବିବାହ କରୁଥିବା ଶତକଡ଼ା ୧୦ ଭାଗ ମହିଳାଙ୍କ ଠାରେ ମଧୁମେହ ରୋଗ ଦେଖାଦେଇଥାଏ। ଏହାଦ୍ୱାରା ଗର୍ଭରେ ଶିଶୁ ମୃତ୍ୟୁ, ପ୍ରସବ ପରେ ଶିଶୁର ଅସୁବିଧା ଆଦି ଦେଖିବାକୁ ମିଳିଥାଏ।

**ଅପରିଣତ ପ୍ରସବ :** ବିଳମ୍ବରେ ଗର୍ଭଧାରଣ କଲେ ଅପରିଣତ ପ୍ରସବର ଜଟିଳତା ପ୍ରାୟ ୨ଗୁଣ ବଢ଼ିଯାଏ। ଶତକଡ଼ା ୧୦-୧୮ ଭାଗ ଶିଶୁ ଅପରିଣତ ବୟସରେ ଜନ୍ମଗ୍ରହଣ କରିବାରୁ ଶିଶୁମୃତ୍ୟୁହାର ଅଧିକ ଦେଖିବାକୁ ମିଳିଥାଏ। ଏତଦ୍‌ଭିନ୍ନ ଅଧିକ ବୟସରେ ଗର୍ଭଧାରଣ କରୁଥିବା ମହିଳାଙ୍କର ପ୍ରସବ ପୂର୍ବରୁ ପାଣିଥଳୀ ଫାଟିଯାଏ, ଯାହାଦ୍ୱାରାକି ସଂକ୍ରମଣ ଜନିତ ସମସ୍ୟା ପରିଲକ୍ଷିତ ହୋଇଥାଏ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ତ୍ରୀ ଓ ପ୍ରସୂତୀ ସମ୍ବନ୍ଧୀୟ ସମସ୍ତ ପ୍ରକାର ସୁବିଧା କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳ ଠାରୁ ସବୁଜବନାନୀର ଆଦିବାସୀ ବହୁଳ ଅଗମ୍ୟ ଇଲାକାରେ ଥିବା ସ୍ତ୍ରୀ ଲୋକଟି ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଛି। ଗର୍ଭବତୀ ହେବା ଠାରୁ ପ୍ରସୂତୀକୁ ବିଭିନ୍ନ ସରକାରୀ ପ୍ରଦତ୍ତ ମାଗଣା ଔଷଧ, ଉନ୍ନତମାନର ପୃଷ୍ଟିକର ଖାଦ୍ୟ ସହ ଟୀକାକରଣ ଓ ପ୍ରୋତ୍ସାହନ ରାଶିର ସୁଯୋଗ ବି ରହିଛି। ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ହେଉ ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀକେନ୍ଦ୍ର ଠାରୁ ଉପଖଣ୍ଡସ୍ତରୀୟ ସରକାରୀ ଡାକ୍ତରଖାନା। ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ମେଡ଼ିକାଲରେ ଏହାର ପର୍ଯ୍ୟାପ୍ତ ସୁବିଧା ସରକାର ଦେଇଛନ୍ତି। ତେଣୁ ମାତୃତ୍ୱ ବିଳମ୍ବିତ ହେଲେ କୌଣସି ତୁଟୁକା ତୁଟୁକି ବା ଗୁଣିଗାରେଡ଼ି ଚିକିତ୍ସାକୁ ବିଶ୍ୱାସ ନରଖି ବରଂ ସରକାରୀ ଡାକ୍ତରଖାନାରେ ଥିବା ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସା ସେବା ନେବା ନିହାତି ଜରୁରୀ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

CMYK

11.04.2025.pmd 1 4/10/2025, 6:12 PM

# ଜମାକାରୀଙ୍କ ଟଙ୍କା ହଡପ ନେଇ ହିତାଧିକାରୀଙ୍କ ଅଭିଯୋଗ

କୁଚିଣ୍ଡା,୧୦।୪ (ନିପ୍ର): ଘରପାଖରେ ବ୍ୟାଙ୍କ ସେବା ଯୋଗାଇଦେବାକୁ ସରକାର ପ୍ରତି ପଞ୍ଚାୟତରେ ମୋ ବ୍ୟାଙ୍କ (ସହଜସେବା କେନ୍ଦ୍ର) ଖୋଲିଛନ୍ତି। ଲୋକେ ଏହାରି ଉପରେ ଭରସା କରି ନିଜର କଷ୍ଟ ଉପାର୍ଜିତ ଅର୍ଥକୁ ଗଛିତ ରଖିଥିଲେ। ହେଲେ ସମସ୍ତ ଭରସା ଓ ବିଶ୍ୱାସକୁଫୁ କରି ନୀରିହ ଜମାକାରୀଙ୍କ ଲକ୍ଷଲକ୍ଷ ଟଙ୍କାକୁ ହଡପ କରି ନେଇଛନ୍ତି ଗ୍ରାହକ ସେବାକେନ୍ଦ୍ର ପରିଚାଳକ। ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କବରୀବାହାଲ ପଞ୍ଚାୟତରେ। କେଶାଇବାହାଲ ଷ୍ଟେଟ ବ୍ୟାଙ୍କ ଶାଖା ନିୟନ୍ତ୍ରଣରେ କବରୀବାହାଲ ପଞ୍ଚାୟତ ପରିସରରେ ଖୋଲାଯାଇଥିବା ଏହି ସହଜ ସେବା କେନ୍ଦ୍ରର ପରିଚାଳକ ସତ୍ୟ ନାରାୟଣ ପୃଷ୍ଟେଠ ଲୋକଙ୍କ ଗଛିତ ଥିବା ଟଙ୍କାକୁ ବିଭିନ୍ନ ଫନ୍ଦି ଫିକର କରି ନିଜେ ଆତ୍ମସାତ କରିଥିବା ଅଭିଯୋଗରେ ବୁଧବାର ୫୫ ଜଣ ଜମାକାରୀ ସତ୍ୟନାରାୟଣ ପୃଷ୍ଟେଠଙ୍କ ବିରୋଧରେ ମହୁଲପାଲି ଥାନାରେ ଲିଖିତ ରିପୋର୍ଟ କରିଛନ୍ତି। କବରୀବାହାଲ ପଞ୍ଚାୟତର ବନ୍ଧକାନୀ, ପାନପୋଷ,ସେଗାପଡା, କେନ୍ଦମାଲ, ମୁଡରାପଡା, କବରୀବାହାଲ,କେଶାଇବାହାଲ ପଞ୍ଚାୟତର ଭିକାପାଲି, ମହୁଲପାଲି ପଞ୍ଚାୟତର ଟାଙ୍ଗରପାଲି,ଝଗଡାତିରିଆ, ଗ୍ରାମର ଲୋକଙ୍କ କଷ୍ଟ ଉପାର୍ଜିତ ଟଙ୍କାକୁ ଏହି ବ୍ୟକ୍ତି ଜଣକ ଆତ୍ମସାତ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ପଞ୍ଚାୟତର ଏଭଳି ଶହଶହ ଲୋକଙ୍କ ଜମା ଟଙ୍କା ସତ୍ୟନାରାୟଣ ଉଠାଇ ନେଇ ଆଜିକାଲି କହି ସମୟ ଗଡାଇ ସେମାନଙ୍କୁ ଟଙ୍କା ଫେରସ୍ତ କରୁନଥିବା ଥାନା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ମୋ ବ୍ୟାଙ୍କ ସେବା କେନ୍ଦ୍ର ପରିଚାଳକ ପ୍ରାୟ ଦୁଇବର୍ଷ ଧରି ଟଙ୍କା ଜମା ପାଇଁ ଆସୁଥିବା ବ୍ୟକ୍ତିଙ୍କ ଜମାଖାତାରେ କଲମରେ ଜମା ଅର୍ଥକୁ ଲେଖି ଉକ୍ତ ଟଙ୍କାକୁ ଜମା ନକରି ନିଜେ ହଡପ କରୁଥିଲେ। ଟଙ୍କା ଉଠାଣ ସମୟରେ ଲୋକଙ୍କ ଫିଙ୍ଗର ପ୍ରିଣ୍ଟ ନେଇ ଆଜି ଲିଙ୍କ ନାହିଁ ପରେ ଆସିବାକୁ କହୁଥିଲେ। କିଏ ଝିଅ ପୁଅର ବାହାଘର ପାଇଁ ଟଙ୍କା ଜମା ରଖିଥିଲେ ତ ଆଉ କିଏ ସୁଭଦ୍ରା ଓ ବାର୍ଦ୍ଧକ୍ୟ ବିଧବା ଭତ୍ତା ଟଙ୍କାକୁ ସେଠାରେ ଜମା ରଖିଥିଲେ ।ହେଲେ ଅଧିକାଂଶ



ମହିଳା ଜମାକାରୀ ସୁଭଦ୍ରା ଟଙ୍କା ପାଇଁ କେଶାଇବାହାଲ ଷ୍ଟେଟବ୍ୟାଙ୍କକୁ ଯାଇ ପାସବହି ଅପଡେଟ କଲା ସମୟରେ ଏଭଳି ଟଙ୍କା ଉଠାଇ ନିଆଯାଇଥିବା ଜାଣିବାକୁ ପାଇଥିଲେ। ଆଉ କେତେକ ଜମାକାରୀ ସେମାନେ ଆବାସ ଯୋଜନା ଘର ଟଙ୍କା ଉଠାଇବାକୁ ଗଲା ବେଳେ ଏଭଳି ଚଞ୍ଚକତା ହୋଇଥିବା ଜାଣିଥିଲେ। ଘଟଣା ସମ୍ପର୍କରେ ଜାଣି ସତ୍ୟନାରାୟଣ ପୃଷ୍ଟେଠଙ୍କୁ ଲୋକେ କହିବାରୁ ତାଙ୍କ ଟଙ୍କା ଶୀଘ୍ର ଫେରାଇଦେବାକୁ କହି ସମୟ ଗଡାଇ ଚାଲିଥିଲେ। ବିଭିନ୍ନ ଗ୍ରାମର ପ୍ରାୟ ଦୁଇରୁ ତିନି ଶହ ଲୋକଙ୍କ ଜମା ଟଙ୍କାକୁ ସେ ହଡପ କରି ନେଇଥିବା ଜମାକାରୀ ପାନପୋଷ ଗ୍ରାମର ୱାର୍ଡ ସଭ୍ୟ ପ୍ରଫୁଲ୍ଲ ଧାନ କହିଛନ୍ତି। ୨ ହଜାର ଟଙ୍କାରୁ ଆରମ୍ଭ କରି ୧ ଲକ୍ଷ ୭୧ ହଜାର ଟଙ୍କା ପର୍ଯ୍ୟନ୍ତ ଲୋକେ ନିଜର ଜମା ଅର୍ଥକୁ ହରାଇଛନ୍ତି। ବନ୍ଧକାନୀ ଗ୍ରାମର ଦଶମୀ ମୁଣ୍ଡାଙ୍କ ୧ ଲକ୍ଷ ୭୧ ହଜାର, ପାନପୋଷ ଗ୍ରାମର ଉପାସୀ ମାଝିଙ୍କ ୧ ଲକ୍ଷ ୧୦ ହଜାର,ଭିକାପାଲି ଗ୍ରାମର କିର୍ସିମାନି ମୁଣ୍ଡାଙ୍କ ୭୦ ହଜାର ,ଝଗଡାତିରିଆ ଗ୍ରାମର ଚନ୍ଦ୍ରାବତୀ କିଷାନଙ୍କ ୮୦ ହଜାର, କବରୀବାହାଲ ଗ୍ରାମର ନୀଳାବତୀ ପିଙ୍ଗଙ୍କ ୭୦ହଜାର ଏଭଳି ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କାକୁ ପୃଷ୍ଟେଠ ନେଇଯାଇଥିବା ଲୋକେ ଥାନାରେ ରିପୋର୍ଟ କରିଛନ୍ତି। ଗତ ଫେବୃୟାରୀ ୨୪ ତାରିଖରେ ପାନପୋଷ ଗ୍ରାମର ଜମାକାରୀ ଉପାସୀ ମାଝି ଏନେଇ ମହୁଲପାଲି ଥାନାରେ ଲିଖିତ ରିପୋର୍ଟ କରିଥିଲେ। ପୋଲିସ ସତ୍ୟନାରାୟଣ ପୃଷ୍ଟେଠଙ୍କୁ ଥାନାକୁ ଡାକି ତଦନ୍ତ କରିବା ସମୟରେ ସେ ଦୋଷ ସ୍ୱୀକାର କରି ମାର୍ଚ୍ଚ ଶେଷ ସୁଦ୍ଧା ଟଙ୍କା ଫେରାଇ ଦେଠାକୁ ଥାନାରେ ଚୁକ୍ତିନାମା କରିଥିଲେ। ମାତ୍ର ଅଦ୍ୟାବଧି ସେ ଟଙ୍କା ଫେରସ୍ତ କରିନଥିବା ଉପାସୀ ପୁଣିଥରେ ମହୁଲପାଲି ଥାନାରେ ରିପୋର୍ଟ କରିଛନ୍ତି। ଏ ସମ୍ପର୍କରେ ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କାଙ୍କୁ ପଚାରିବାରେ ତଦନ୍ତ କରି ଟଙ୍କା ହଡପକାରୀଙ୍କ ବିରୋଧରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ପାନୀୟଜଳର ସୁବିଧା ଯୋଗାଇ ଦେବା ପାଇଁ ଗୁରୁତ୍ୱ

ଉବାନୀପାଟଣା, ୧୦/୪ (ନି.ପ୍ର)- କଳାହାଣ୍ଡି ଜିଲ୍ଲାପରିଷଦର ୭ ତମ ବୈଠକ କଳାହାଣ୍ଡି ଜିଲ୍ଲାପରିଷଦ ସଭାଗୃହଠାରେ ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଶ୍ରୀ ସିଂଦେଓ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ଉନ୍ନତି ଓ ବିକାଶ ପାଇଁ ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ସମ୍ପର୍କରେ ସମସ୍ତେ ସଂକ୍ରିୟ ଅଂଶ ଗ୍ରହଣ କରି ନିଜର ସୁଚିନ୍ତିତ ମତାମତ ରଖିବା ପାଇଁ ସମସ୍ତ ସଦସ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ ।ଏହି ବୈଠକରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ବିଧାୟକ ଲାଞ୍ଜିଗଡ଼ ପ୍ରଦୀପ କୁମାର ଦିଶାରୀ, ବିଧାୟକ ନର୍ଲା ମନୋରମା ମହାନ୍ତି, ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ, ଜିଲ୍ଲାପରିଷଦ ଉପାଧକ୍ଷା ସୁଧୀରା ମେହେର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତି ଅଧକ୍ଷ, ଅଧକ୍ଷା ଯୋଗଦେଇ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ କିପରି କରାଯାଇପାରିବ ସେ ଉପରେ ଗୁରୁତ୍ୱ ଦେବା ପାଇଁ ଗୃହରେ ନିଜ ନିଜର ମତ ଉପସ୍ଥାପନା କରିଥିଲେ। ବିଶେଷ କରି ଖରାଦିନେ ଗ୍ରାମାଞ୍ଚଳ ମାନଙ୍କରେ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ପାନୀୟଜଳର ସୁବିଧା ଯୋଗାଇ ଦେବା ପାଇଁ ସମସ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ବୈଠକରେ ଶିକ୍ଷା ବିଭାଗ ଦ୍ୱାରା ବିଦ୍ୟାଳୟରେ ବହୁ ଦିନରୁ ଖାଲି ପଡିଥିବା ଆବଶ୍ୟକ ପଧାନ ଶିକ୍ଷକ, ଶିକ୍ଷକପଦବୀ ପୂରଣ, ପିଲାଙ୍କ ପାଇଁ ଆବଶ୍ୟକ ହଷ୍ଟେଲ ନିର୍ମାଣ, ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଉଐଉ ରେ ଖାଲିପଡିଥିବା ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ଓ ଷ୍ଟାଫ କ୍ୱାର୍ଟର ନିର୍ମାଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମଆରଆଇର ସୁବିଧା, ଶବବାହକ ଗାଡିର ବ୍ୟବସ୍ଥା, ଆବଶ୍ୟକ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇନଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବା । ଗୋପବନ୍ଧୁ ପେନସନ ଯୋଜନାରେ ବାଦ ପଡିଥିବା ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ସାମିଲ କରିବା, କୃଷି କ୍ଷେତ୍ରରେ ଉନ୍ନତ ମାନର ବିହନ,ସାର ଯୋଗାଇବା ସହିତ ବହୁତ ଦିନ ଧରି ଗୋଟିଏ ଷ୍ଟେସନ ରେ ରହିଥିବା ଠଇଡ ଙ୍କୁ ଅନ୍ୟତ୍ର ବଦଳି କରାଯିବା, ରାସ୍ତା ନିର୍ମାଣ, ଅସମ୍ପୂର୍ଣ୍ଣ ସ୍କୁଲ ଘର, ଅଙ୍ଗନବାଡି କେନ୍ଦ୍ର ତୁରନ୍ତ ନିର୍ମାଣ, ଗାଆଁ ମାନଙ୍କରେ ମଦ କୋଠି ବନ୍ଦ କରିବା, ଅସମ୍ପୂର୍ଣ୍ଣ ମେଗାଜଳ ପ୍ରକଳ୍ପର ତୁରନ୍ତ ସମ୍ପୂର୍ଣ୍ଣ ନିର୍ମାଣ କରିବା, ମେଗାଜଳ ପ୍ରକଳ୍ପ କାମ ପାଇଁ ବିଭିନ୍ନ ଜାଗାରେ ଖୋଲାଯାଇଥିବା ରାସ୍ତାର ମରାମତି ଇତ୍ୟାଦି ସମ୍ପର୍କରେ ବୈଠକରେ ବିଶେଷ ଆଲୋଚନା କରାଯାଇଥିଲା ।

## ଭଗବାନ ମହାବୀର ଜୟନ୍ତୀକୁ ନେଇ ବିଶାଳ ଶୋଭାଯାତ୍ରା

ରାଉରକେଲା ୧୦/୪ (ନିପ୍ର): ଜୈନଧର୍ମର ପ୍ରତିଷ୍ଠାତା ଭଗବାନ ମହାବୀର ଜୈନଙ୍କ ଜୟନ୍ତୀ ଅବସରରେ ରାଉରକେଲାର ଜୈନ ସମ୍ପ୍ରଦାୟଙ୍କ ପକ୍ଷରୁ ଅମର ଭବନ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା। ଶୋଭାଯାତ୍ରା ମଧୁସୂଦନ ଚୌକ ମୁଖ୍ୟ ରାସ୍ତା ଦେଇ ଓଡ଼ିଶା ଟେକ୍ସଟାଇଲ୍ ଦୋକାନ ସମ୍ମୁଖ ଜୈନ ମନ୍ଦିରରେ ପହଞ୍ଚିଥିଲା। ଜୈନ ସମ୍ପ୍ରଦାୟର ଶହଶହ ପୁରୁଷ, ମହିଳା ଏବଂ ଯୁବକମାନେ ଭଗବାନ ମହାବୀରଙ୍କ ସ୍ତୁତି ଗାନ କରି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ମହାବୀରଙ୍କ ମାର୍ଗଦର୍ଶନ ଅନୁସରଣ କରିବା ସହିତ ତାଙ୍କର ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କୁହାଯାଇଥିଲା। ଭଗବାନ ମହାବୀରଙ୍କ ସତ୍ୟ, ଅହିଂସା ଏବଂ ଶାନ୍ତିର ବାର୍ତ୍ତା ଦେଇ ଆଜି ମହାବୀର ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଜୈନ ସମ୍ପ୍ରଦାୟର ଲୋକମାନଙ୍କ ପକ୍ଷରୁ ରାଉରକେଲା ମୁଖ୍ୟ ରାସ୍ତାରେ ଫଳ ଏବଂ ଘୋଳଦହି ବଣ୍ଟନ କରାଯାଇଥିଲା। ବାସନ୍ତୀ କଲୋନୀ ଶ୍ୱେତାମ୍ବର ଜୈନ ତେରାପନ୍ଥି ଭବନରେ ଜୈନ ସମ୍ପ୍ରଦାୟର ପିଲାମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଜି, ଭଗବାନ ମହାବୀର ଜୟନ୍ତୀ ଅବସରରେ, ଜୈନ ମନ୍ଦିର ପରିସରରେ ଜୈନ ସମ୍ପ୍ରଦାୟର ଲୋକଙ୍କ ଏକ ବିରାଟ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର କମିଟିର ସଭାପତି ପୱନ ଜୈନ, ଉପସଭାପତି ରାକେଶ ଜୈନଙ୍କ ସମେତ ଭିମଲ ଜୈନ, ମୁରଲୀ ଜୈନ, ସୁରେନ୍ଦ୍ର ଜେନା, ବିକି ଜୈନ, ସୁମେର ଜୈନ, ଦୀପକ ଜୈନ, ଆଧାର ଜୈନ, ଅକ୍ଷୟ ଜୈନ, ଦିବ୍ୟା ଜୈନ, ବରଖା ଜୈନ, ମଞ୍ଜୁ ଜୈନ, ଦିବ୍ୟା ଜୈନ, ଅଞ୍ଜୁ ଜୈନଙ୍କ ସମେତ ଅନ୍ୟାନ୍ୟ ମହିଳାମାନଙ୍କ ସକ୍ରୀୟ ଯୋଗଦାନ ଥିଲା।

## ଦୁଇ ବାଇକ ଧକ୍କା, ଜଣେ ମୃତ, ୨ ଗୁରୁତର

ଧାମନଗର,୧୦।୪ (ନିପ୍ର): ଧାମନଗର - ଦୋବଲ ରାସ୍ତାରେ କଲେଜ ରାସ୍ତାରେ ଦୁଇ ମୋଟର ସାଇକେଲ ଧକ୍କା ହେବା ଫଳରେ ଜଣଙ୍କର ମୃତ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ମୃତ ଯୁବକ ଜଣଙ୍କ ହେଲେ କରଦା ପଞ୍ଚାୟତ ମୁହାଁଣପଡା ଗ୍ରାମର ଅଜୟ ସେଠୀଙ୍କ ପୁଅ ଶୁଭ ପ୍ରକାଶ ସେଠୀ (୨୧)। ଅନ୍ୟ ଜଣକ ଅଙ୍ଗେଇପାଳ ଗ୍ରାମ ର ସୁରେଶ କର ଙ୍କ ପୁଅ ତାପସ କର(୨୨) ଗୁରୁତର ଭାବେ କଟକ ବଡ ମେଡିକାଲ ରେ ମୃତ ଶହ ସଂଗ୍ରାମ କରୁଛନ୍ତି ।ଅନ୍ୟ ଜଣେ ଆହତ ଯୁବକ ର ନାମ ମିଳି ପାରି ନାହିଁ। ସୁଚନା ଥାଉ କି ମଙ୍ଗଳବାର ସନ୍ଧ୍ୟାରେ ଧାମନଗର ରେ ବିଜୟୀ ଦଶମୀ ପାଇଁ ବିଭିନ୍ନ ଗ୍ରାମରୁ ଶୋଭାଯାତ୍ରା ଆସୁଥିଲା ଥିଲା। ଏଥିରେ ୧୫ ରୁ ଉର୍ଦ୍ଧ ରାମ ଓ ହନୁମାନଙ୍କ ସୁସଜ୍ଜିତ ମେଢ଼ ସାଙ୍ଗକୁ ଡିଜେ ରେ ପ୍ରକମ୍ପିତ ହେଉଥିଲା ପୁରା ଅଞ୍ଚଳ। ଏହି କାର୍ଯ୍ୟକ୍ରମ ରେ ମଧ୍ୟା ଶୁଭ ପ୍ରକାଶ ସାମିଲ ହୋଇ ରାତି ୧୦ ଟା ବେଳେ ଘରକୁ ଫେରୁଥିବା ବେଳେ। ଧାମନଗର ଦୋବଲ ମୁଖ୍ୟ ରାସ୍ତା କଲେଜ ରାସ୍ତା ନିକଟରେ ସାମ୍ନାରୁ ଆଉ ଗୋଟେ ବାଇକ୍ ସହ ଧକ୍କା ହୋଇଥିଲା ।ଫଳରେ ଉଭୟ ଗୁରୁତର ହୋଇଥିଲେ । ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧାମନଗର ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳ ଶୁଭ ପ୍ରକାଶ ସେଠୀଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କ ତାପସ କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାପସ କର ଜୀବନ ମରଣ ସହ ଲଢ଼େଇ କରୁଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଦୁଇଟି ଗାଡି ଜବତ କରିବା ସହ କେସ ନମ୍ବର ୧୩୫/୨୫ ରେ ଏକ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଛନ୍ତି ପୋଲିସ ।

## ନିରାକାରପୁର ହାଇସ୍କୁଲ ପଡ଼ିଆରେ ତ୍ରୟୋଦଶ ଶମ୍ଭୁ ଦଣ୍ଡ ମହାମିଳନ

ନିରାକାରପୁର,୧୦।୪ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଇସ୍କୁଲ ପଡ଼ିଆରେ ତ୍ରୟୋଦଶ ଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରୟୋଦଶ ଶମ୍ଭୁ ଦଣ୍ଡ ମିଳନରେ ନିରାକାରପୁର ଗ୍ରାମର ନିଳକଣ୍ଠଶ୍ୱର ଦେବ, ଲେଣ୍ଡୁ ର ଚନ୍ଦନେଶ୍ୱର ଦେବ, ଷୋଢରପୁର କପିଳେଶ୍ୱର ଦେବ, ବାଦୁରବର କୁମୁଦେଶ୍ୱର ଦେବ, ବୋଦଙ୍ଗରା ଲୋକନାଥ ଦେବ, ଆସେଲି ଚନ୍ଦନେଶ୍ୱର ଦେବ, ଅରାଞ୍ଚଳର ଗ୍ରାମେଶ୍ୱର ଦେବ, ବାଲିଗାଁ କପିଳେଶ୍ୱର ଦେବ, ଗୋଳବାଈ ଗୁଣ୍ଠୁଣୀ କୃଷ୍ଣେଶ୍ୱର ଦେବ, ରୋଷଣା ଇଷାନେଶ୍ୱର୍ ଦେବ , ପାଣ୍ଡବପାଟଣାର କପିଳେଶ୍ୱର ଦେବ ଓ ହଜ ନାଟ୍ୟଶ୍ୱର ଦେବ , ହରିପୁର ବିଶ୍ୱନାଥ ଦେବ , ଗୋଡିପଦର କୃଷ୍ଣେଶ୍ୱର ଦେବ ପ୍ରମୁଖ ଠାକୁର ନିଜ ନିଜର ପଟୁଆର ଧରି



ନିରାକାରପୁର ଥାନାପତି ନିଳକଣ୍ଠଶ୍ୱର ଦେବଙ୍କ ପଡିଆକୁ ଯାଇ ପହଁଚିଲା ପରେ ସମସ୍ତ ଠାକୁର ହାଇସ୍କୁଲ ପଡିଆକୁ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ଯାଇଥିଲେ। ସେଠାରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ସହିତ ମହା ମିଳନର ଅପୂର୍ବ ଦୃଶ୍ୟକୁ ଦର୍ଶନ କରି ପ୍ରଭୁଙ୍କ ଆଶିଷ ଲାଭ କରିଥିଲେ। ଏହି ଅବସରରେ ଭକତା ମାନେ ଠାକୁରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କଳାକୌଶଳ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରି ଥିଲେ। ଆତାସ ବାଜିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ଏହି ମହା ମିଳନ ଦିବ୍ୟ ଦର୍ଶନ କରିବାକୁ ପଡ଼ିଆରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଠାକୁର୍ ମାନେ ଗ୍ରାମ ପରିକ୍ରମା କରିବାବେଳେ ଭକ୍ତମାନେ ଚିତା, ଝୋଟି ପକାଇ ସ୍ୱାଗତ କରିଥିଲେ। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଆସି ଆଶୀର୍ବାଦ ଲାଭ କରିଥିଲେ। ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉପସ୍ଥିତି ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ରବିନ୍ଦ୍ର ରାଉତରାୟ ସଂପାଦକ ସତ୍ୟବାଦୀ ବଳବନ୍ତରାୟ, କୋଷାଧକ୍ଷ କୈଳାସ ଚନ୍ଦ୍ର ରାଉତରାୟ , ପୂର୍ବତନ ସରପଞ୍ଚ ହୃଷିକେଶ ରାଉତରାୟ ବିଜୟ କୁମାର ଜୟସିଂହ,ନବ କିଶୋର ସାହୁ ,ବିପିନ ରାଉତରାୟ , ରାଜେଶ ସାହୁ, ଆର୍ତ୍ତତ୍ରାଣ ରାଉତରାୟ ପ୍ରମୁଖ ଯୋଗ ଦେଇ ଶମ୍ଭୁ ମିଳନ ଅବସରରେ ପ୍ରବଚନ ପ୍ରଦାନ କରିଥିଲେ।

# ୧୪୩ ଗୋଟି ଜନଜାତି ଜୀବିକା ପରିଷଦ ଗଠନ

ପାରଳାଖେମୁଣ୍ଡି,୧୦।୪ (ନିପ୍ର): ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ପକ୍ଷରୁ ୭୮ତମ ପରିଚାଳକ ନିକାୟ ତଥା ୭୧ତମ ପ୍ରକଳ୍ପସ୍ତରୀୟ କମିଟି ବୈଠକ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ସାଂସଦ ବ୍ରହ୍ମପୁର ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ପ୍ରମୁଖ ମଞ୍ଚାସିନ ରହିଥିଲେ। ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ୨୦୧୮-୧୯ ଓ ୨୦୧୯-୨୦ ଠାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ପ୍ରାପ୍ତ ରାଶି ଓ ବ୍ୟୟ ସମ୍ପର୍କିତ ସୂଚନା ଗୃହରେ ପ୍ରକଳ୍ପ ପ୍ରଶାସକ ଉପସ୍ଥାପନ କରିଥିଲେ। ସେହିପରି ୨୦୨୪-୨୫ ବର୍ଷ ପାଇଁ ବିଭିନ୍ନ ଯୋଜନାରେ ପ୍ରାପ୍ତ ଅର୍ଥ ରାଶି ଓ ତାହାର ଆବଣ୍ଟନ ସବିଶେଷ ତଥ୍ୟ ଉପସ୍ଥାପନା କରାଯାଇଥିଲା ଯଥା- ରାମଗିରି ଛାତ୍ରାବାସର କାର୍ଯ୍ୟକ୍ରମ, ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସର ନିର୍ମାଣ ଓ ମରାମତି ଓ ରକ୍ଷଣାବେକ୍ଷଣ, କର୍ମଚାରୀଙ୍କ ବାସଗୃହ ମରାମତି ଓ ରକ୍ଷଣାବେକ୍ଷଣ, ପାଚେରୀ ନିର୍ମାଣ ଓ ସଂପ୍ରସରଣ,ନୂତନ କର୍ମଚାରୀଙ୍କ ବାସଗୃହ ନିର୍ମାଣ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ ଇତ୍ୟାଦି ଅନୁମୋଦନ କରାଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ବିଭାଗ ଦ୍ୱାରା କାର୍ଯକାରୀ ହେଉଥିବା ବିଭିନ୍ନ ଯୋଜନା ତଥା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ଅଧିନରେ ଗଜପତି ଜିଲ୍ଲାରେ ୫ଗୋଟି ଆଦିବାସୀ ଅଧୁଷିତ ବ୍ଲକ୍ ଯଥା ମୋହନା, ଆର.ଉଦୟଗିରି, ଗୁମ୍ମା,ନୂଆଗଡ ଓ ରାୟଗଡ ର ୭୯ ଗ୍ରାମପଞ୍ଚାୟତ ଏବଂ ୩୧୧ ଗୋଟି ରାଜସ୍ୱ ଗ୍ରାମରେ ୧୪୩ ଗୋଟି ଜନଜାତି ଜୀବିକା ପରିଷଦ ଗଠନ କରାଯାଇ ୧୪୩୮୫ ଜଣ ହିତାଧିକାରୀଙ୍କୁ ଅର୍ନ୍ତଭୁକ୍ତ କରାଯାଇ ଜୀବନ ଜୀବିକା ସହିତ ଅର୍ଥନୈତିକ




ସ୍ତରରେ ବିକାଶ କରାଯାଉଅଛି। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ବିଭିନ୍ନ ଉନ୍ନତ ମୂଳକ କାର୍ଯ୍ୟକ୍ରମ କରାଯାଉଅଛି ଯଥା - ଜମି ଉନ୍ନତ କରଣ, ଭୂତଳ ଜଳ ସଂରକ୍ଷଣ ନିମନ୍ତେ ଗର୍ତ୍ତ ଖନନ, ମୃତ୍ତିକା ସଂରକ୍ଷଣ ନିମନ୍ତେ ପଥର ବନ୍ଧ ନିର୍ମାଣ, ବୃକ୍ଷ ରୋପଣ, ଗାଈ ଓ ଛେଳି ଗୁହାଳ ଆଦି କାର୍ଯ୍ୟ ସମ୍ପାଦନ କରାଯାଇ ଜବ କାର୍ଡ ଧାରୀଙ୍କୁ ଉକ୍ତ କର୍ମରେ ନିୟୋଜିତ କରୀ ଆର୍ଥିକ ସମ୍ବଳ ଅଭିବୃଦ୍ଧି ନିମତେ ପ୍ରୟାସ କରାଯାଉଅଛି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଅଛି , ଜିଲ୍ଲାରେ ବସବାସ କରୁଥିବା ବିଭିନ୍ନ ଆଦିମ ଜନଜାତି ମାନଙ୍କର ସାମାଜିକ ,ଆର୍ଥିକ , ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଏହି ଯୋଜନା ମାଧ୍ୟମରେ ମୌଳିକ ସୁବିଧା ପ୍ରଦାନ କରାଯାଉଛି। ସେହିପରି ଧରତି ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ମାଧମରେ ଜିଲ୍ଲାର ସାତଗୋଟି ବ୍ଲକ୍‌ର ଜନଜାତିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାସହ ଆର୍ଥିକ ଭାବେ ସଶକ୍ତ କରିବା ଏହି ଅଭିଯାନ। ଆର୍ଥିକ ବର୍ଷ ୨୦୨୫-୨୬ ରେ କାର୍ଯକାରୀ ହେଉଥିବା ବିଭିନ୍ନ ବିଭାଗ,କାର୍ଯ୍ୟଳୟ,ବିଭାଗୀୟ ଯନ୍ତ୍ରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଭାଗର ଶିକ୍ଷକ ଶିକ୍ଷୟତ୍ରୀ ଓ ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ପ୍ରସ୍ତାବ ସମୂହକୁ ଆଦିବାସୀମାନଙ୍କ ସ୍ୱାର୍ଥ ପାଇଁ ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ କାର୍ଯକାରୀ କରାଯିବା ନିମନ୍ତେ ବୈଠକରେ ଉପସ୍ଥାପନ କରାଯାଇଥିଲା । ପରେ ପରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଦ୍ୱାରା ବିଭିନ୍ନ ଯୋଜନାରେ ଆଦିବାସୀଙ୍କ ବିକାଶ ତଥା 'ମାନାରାଙ୍ଗାନ୍ '' ପତ୍ରିକାର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ବାଣ ପ୍ରସ୍ତୁତ ବେଳେ ଅଘଟଣ: ୪ ଆହତ

ନିରାକାରପୁର,୧୦।୪ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ଡ଼ିଆ ପଞ୍ଚାୟତ ଭଟ୍ଟ ସାହିରେ ବୁଧବାର ସନ୍ଧ୍ୟାରେ ଘଟିଛି ଅଘଟଣ। ଅଶୋକାଷ୍ଟମୀ ରଥ ବାହୁଡ଼ା ଯାତ୍ରାରେ ପ୍ରଦର୍ଶିତ ହେବାକୁ ପ୍ରସ୍ତୁତ ହେଉଥିବା ବାଣ ଫୁଟି ପ୍ରସ୍ତୁତ କରୁଥିବା ୪ ବାଣାକାର ହୋଇଛନ୍ତି ଆହତ। ବହୁ ପୂର୍ବରୁ ଚାଲି ଆସିଥିବା ପ୍ରଥା ଅନୁଯାୟୀ ବାହୁଡ଼ା ଯାତ୍ରା ଦିନ କପିଳେଶ୍ୱର ଭେଟ ବାଲିରେ ଆତସବାଜି ଡିଆ ୪ ସାହି ପକ୍ଷରୁ କରାଯାଉଛି। କିନ୍ତୁ ବିଗତ କିଛି ବର୍ଷ ହେବ ବିଭିନ୍ନ ଅଘଟଣ ଘଟିଥିବାରୁ ଏହାକୁ ପ୍ରାୟତଃ କିଛି ବର୍ଷ ହେବ ସଙ୍କୋଚିତ କରାଯାଇଛି। ଆଜି ସନ୍ଧ୍ୟାରେ ଡିଆ ପଂଚାୟତ ଭଟ୍ଟ ସାହିରେ ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡିଶଗଦା ଥାନା ଅନ୍ତର୍ଗତ ଦିବ୍ୟସିଂହପୁର ପଂଚାୟତ ଗୋଡିପଦର (କଳାମାଟି)ଗ୍ରାମର ଅର୍ଜୁନ ପ୍ରଧାନ (୫୦), ବାଲୁଙ୍କେଶ୍ୱର ମାଝୀ (୩୦), ଅଭିମନ୍ୟୁ ସ୍ୱାଇଁ (୪୮) ଓ ପ୍ରତାପ କୁମାର ବାରିକ ((୨୭) ଚମ୍ପା ବାଣ ବାଡେଇ ପ୍ରସ୍ତୁତ କରୁଥିବାରୁ କୌଣସି କାରଣରୁ ଫାଟି ଯାଇଥିଲା ।ଫଳରେ ଏମାନଙ୍କର ଆଖୁ ଓ ଶରୀର ର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଏମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଶୁଣିବାକୁ ମିଳୁଛି। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୋଲିସ ପହଞ୍ଚି ବାଣ ପ୍ରସ୍ତୁତ ବନ୍ଦ କରିଥିବା ସୂଚନା ମିଳିଛି।

## ଭାଲୁ ଆକ୍ରମଣରେ ଦୁଇ ଆହତ, ଜଣେ ଗୁରୁତର

କେନ୍ଦୁଝର,୧୦।୪ (ନିପ୍ର); କେନ୍ଦୁଝର ଜଙ୍ଗଲରେ ଗାଢ଼ ଭାଲୁ ରହିଥିବା ପ୍ରମାଣ ମିଳିଛି ରାମଚନ୍ଦ୍ରପୁର ଠାରେ ଏହି ଜନ୍ତୁ ଆକ୍ରମଣରେ ୨ ଜଣ ଆହତ ହେଲା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଜଙ୍ଗଲ ମାନଙ୍କରେ ଗାଢ଼ ଭାଲୁ ବହୁ ପରିମାଣରେ ଆଗରୁ ରହୁଥିଲେ ତେବେ ଏବେ ଆଉ ଦେଖିବାକୁ ମିଳୁନଥିଲେ। ଛୋଟ ଜୀବ ଚଢ଼େଇ ସାପ ମାରି ଖାଏ। ଭାଲୁ ପରି ନଖ ଥିଲେ ମଧ୍ୟ ଏହା ଏକ ଅଲଗା ପ୍ରାଣୀ ଇଂରାଜୀରେ ଏହାକୁ ହନି ବାଜର କୁହାଯାଏ। ମହୁ ଫେଣା ଭାଙ୍ଗି



ଅନାୟସରେ ମହୁ ଖାଇ ଥାଏ। ବଡ଼ ବଡ଼ ସାପକୁ ମାରି ଖାଇପାରେ। ବହୁତ ଚାଲାକ୍ ଓ ସାହସୀ ଏହି ଜୀବ କ୍ୱଚିତ ମଣିଷକୁ ସାମ୍ନା କରେ ଗାଢ଼ କରି ବିଶ୍ରାମ ନିଏ ବୋଲି ଏହାକୁ ଗାଢ଼ ଭାଲୁ କୁହାଯାଏ। ତେବେ ଖାଦ୍ୟ ଜଳ ଅଭାବ ଲାଗି ବୋଧେ ଗାଢ଼ ଭାଲୁ ଜଙ୍ଗଲରୁ ବାହାରି ଆସିଥିଲା। ସୂଚନା ମିଳିଛି କି ଆନନ୍ଦପୁର ଉପଖଣ୍ଡର ରାମଚନ୍ଦ୍ରପୁର ନିକଟରେ ଥିବା ନୂଆଗାଁ କାଜୁ ଜଙ୍ଗଲରେ ଦିନ ୧୦ଟା ବେଳେ ହଠାତ୍ ଏକ ଗାଢ଼ ଭାଲୁ ପଶି ଆସି ସେଠାରେ ଜଗିଥିବା ବନମାଳୀ ମହାନ୍ତି ଓ ନିରଂଜନ ମହାନ୍ତିଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଏହା ଦେଖି ସାଇଁକୂଳ ଗ୍ରାମର ଜଳଧର ପ୍ରଧାନ ସେଠାରେ ଆସି ଏହି ଦୁହିଁଙ୍କୁ ଉଦ୍ଧାର ଲାଗି ଚେଷ୍ଟା କଲା ବେଳେ ଗାଢ଼ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଏହି ଖବର ପାଇ ରାମଚନ୍ଦ୍ରପୁର ବନପାଳ ଆସି ଗାଢ଼ ଭାଲୁକୁ କାବୁ କରିଛନ୍ତି। ଆହତ ମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## ବାବା କପିଳେଶ୍ୱରଦେବଙ୍କ ନିଆରା ବାହୁଡା ଯାତ୍ରା ସମାପ୍ତ

ନିରାକାରପୁର,୧୦/୪ (ନିପ୍ର) : ପ୍ରାଚୀନ ଶୈବପୀଠ ଖୋର୍ଦ୍ଧା ଜିଲ୍ଲା ଡିଆସ୍ଥିତ ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରାର ୪ଦିନ ପରେ ନିଆରା ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ରାତିର ନିଶାର୍ଦ୍ଧରେ ଗହିର ବିଲ ମାଳରେ ଗଡି ଭେଟବାଲି ନିକଟରେ ରଥ ପହଞ୍ଚିଛି। ଶ୍ରୀ ମନ୍ଦିର ସହିତ କପିଳେଶ୍ୱର ଦେବଙ୍କ ସଂମ୍ପର୍କ ରହିଛି ।ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହେଉଛି ଅଶୋକାଷ୍ଟମୀ ରଥଯାତ୍ରା । କପିଳେଶ୍ୱରଦେବ ୪ଦିନ ଡିଆ ଗ୍ରାମସ୍ଥିତ ମାଉସୀ ମା ମନ୍ଦିର ରେ ରହିବା ପରେ ରଥାରୁଢ ହୋଇ ବାହୁଡନ୍ତି ଶ୍ରୀମନ୍ଦିରକୁ।୫୦୦ବର୍ଷର ପ୍ରାଚୀନ ପରମ୍ପରା ଚୈତ୍ର ଶୁକ୍ଳ ଦ୍ୱାଦଶୀ ତିଥିରେ ବାହୁଡା ରଥଯାତ୍ରା ହେଉଛି। ବୁଧବାର ବାହୁଡା ଦିନ କପିଳେଶ୍ୱରଦେବ ଓ ପାର୍ବତୀ ଓ ବଡଭାଇ ଗ୍ରାମେଶ୍ୱରଦେବ ଓ ଗ୍ରାମେଶ୍ୱରୀ ଦେବୀ ମନ୍ଦିର ରୁ ବାହାରି ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସାରିବା ପରେ ଦୁଇଟି ବିମାନରେ ଡିଆ ଗ୍ରାମରେ ଏକ ବିରାଟ ପଟୁଆରରେ ଗ୍ରାମପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ସିଂହ ବାଜା, ଘୋଡାନାଚ,ପରିନାଚ,ନାଗାନାଚ,ବାଘ ବାଘୁଣୀ, ଭାଲୁ,ଶିବପାର୍ବତୀ କଳନୃତ୍ୟ ଘଣ୍ଟ ଘଣ୍ଟା ଢୋଲ ମୃଦଙ୍ଗ ବଜାଇ ହରିବୋଲ ହୁଳହୁଳି ରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା ।ମହାପ୍ରଭୁ ଗ୍ରାମ ପରିକ୍ରମା କରି ସାରିବା ପରେ ରଥାରୁଢ ହୋଇଥିଲେ। ଭକ୍ତ ମାନେ ବିଲମାଳ ଗହିର ମଧ୍ୟରେ ରଥ ଟାଣି ନେବା ପରେ ଭେଟ ବାଲି ଠାରେ ରଥ ପହଞ୍ଚାଇ ଥଲେ। ସେଠାରେ ଦାରୁଭୋଗ ଲାଗି ପରେ ମନ୍ଦିର ନିକଟକୁ ରଥକୁ ଟଣା ହୋଇଥିଲା। ବାହୁଡା ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୦।୪ (ନିପ୍ର); ଓଡ଼ିଶା ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ , ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଓଡ଼ିଆ ପକ୍ଷ ପାଳନର ଅବସରରେ ପ୍ରତ୍ୟେକ ନାଗରିକ ଓ ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ କରିବା ସହ ଆଗ୍ରହ ପ୍ରକାଶ କରିଥିଲେ ' ଆସ ବହିଟିଏ କିଣିବା 'ଆମ ମାତୃଭାଷା ଆମ ସ୍ୱାଭିମାନକୁ ବଳବତ୍ତର ରଖି ଓଡ଼ିଆ କବି, କବୟିତ୍ରୀ, ପ୍ରାବନ୍ଧିକ, ଲେଖକଙ୍କୁ ଉତ୍ସାହିତ କରିବା ଓଡ଼ିଆ ରେ ନୂତନ ସୃଷ୍ଟିର ଆବିଷ୍କାର ସହ ନୂତନ ପାଠକ ପାଠିକା ନିର୍ମାଣ କରି ସମାଜକୁ ଦିଗଦର୍ଶନ ପ୍ରଦାନ କରିବାରେ ସହାୟକ ହେବା । ଏଥି ନିମନ୍ତେ ଆପଣମାନଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ପୁସ୍ତକ କିଣିବା ପାଇଁ ବ୍ୟବସ୍ଥା କରାଯାଇଅଛି ।

## ରାମଲୀଳା ମହୋତ୍ସବ ଦ୍ୱିତୀୟ ରାତିରେ ବାଳିବଧ

ନିରାକାରପୁର,୧୦।୪ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ଉପରସାହି ରାମଲୀଳା ମହୋତ୍ସବର ଦ୍ୱିତୀୟ ରାତିରେ ବାଳିବୋଧ ପରିବେଷଣ ହୋଇଯାଇଛି। ଭଗବାନ ରାମ ମିଥିଳା କୁମାରୀ ଙ୍କର ନିଖୋଜ ରେ ବନ ବନ ବୁଲିଲେ ଶେଷରେ ଜଟାୟୁ ସଙ୍ଗେ ଭେଟହେଲେ ତାପରେ କିସକିନ୍ଧା ଯିବା ପାଇଁ ଜଟାଉ ପରାମର୍ଶ ଦେଲେ। ସେଠାରେ ବାନର ସେନା ଏବଂ ସୁଗ୍ରୀବଙ୍କ ସହ ମିତ୍ରତା କରି ବାଳିକୁ ନିଧନ କଲେ, କିସକିନ୍ଧା କଟକରେ ସୁଗ୍ରୀବ ରାଜା ହେଲେ। ବାଳି ଏବଂ ସୁଗ୍ରୀବ ଚରିତ୍ର ରେ ଲିପୁନ ମହାରଣା ଓ ଗୁନୁ ଜେନା, ରାମ ଲକ୍ଷ୍ମଣ ରେ ପ୍ରଦ୍ୟୁମ୍ନ ଖଣ୍ଡେଇତରାୟ, ସୋମ୍ୟ ରଞ୍ଜନ ନିଃସଙ୍କ ନିଖୁଣ କଳା ପ୍ରଦର୍ଶନ ସକାଳ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ପାଲଟା ଟାରିଫଙ୍କୁ ୯୦ ଦିନ ଅଟକାଇଲା ୟୁରୋପୀୟ ସଂଘ



ବ୍ରସେଲ୍ସ,୧୦।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରେସିପ୍ରୋକାଲ ଟାରିଫ୍ କାର୍ଯ୍ୟକାରିତାକୁ ୯୦ ଦିନ ସ୍ଥଗିତ ରଖିବା ପରେ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇବାକୁ ଥିବା ପାଲଟା ଶୁଳ୍କକୁ ୯୦ ଦିନ ଅଟକାଇବାକୁ ନିଷ୍ପତ୍ତି ନେଇଛି। ବୁଝାମଣା ପାଇଁ ଏକ ସୁଯୋଗ ଦେବା ନିମନ୍ତେ ଆମେ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ଇୟୁ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟେନ୍ ଗୁରୁବାର କହିଛନ୍ତି। ତେବେ ଆମେରିକା ସାମଗ୍ରୀ ଉପରେ ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଇୟୁ କେତେ ପ୍ରତିଶତ ଶୁଳ୍କ ଲଗାଇଥାନ୍ତା, ତାହା ଘୋଷଣା କରିନାହିଁ। ଯଦି ବୁଝାମଣା ସନ୍ତୋଷଜନକ ନ ହୁଏ, ତେବେ ଆମେ ପାଲଟା ଶୁଳ୍କ ଲାଗୁ କରିବୁ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ କହିଛନ୍ତି।

## ଲାଲକିଲ୍ଲା-ଜାମା ମସଜିଦକୁ ବୋମାରେ ଉଡ଼ାଇଦେବାକୁ ଧମକ

ନୂଆଦିଲ୍ଲୀ,୧୦।୪: ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହବୁର ରାଣାକୁ ଆମେରିକାରୁ ଭାରତ ଅଣାଯାଇଛି। ତାଙ୍କୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅଣାଯାଇଛି। ଦିଲ୍ଲୀର ପାଲମ ବିମାନବନ୍ଦରରେ ତାଙ୍କ ବିମାନ ଅବତରଣ କରିବା ପୂର୍ବରୁ, ଲାଲକିଲ୍ଲା ଏବଂ ଜାମା ମସଜିଦ ଉପରେ ବୋମା ମାଡ଼ କରିବାକୁ ଧମକ ଦିଆଯାଇଥିଲା। ଏହାକୁ ନେଇ ଗୁଇନ୍ଦା ବିଭାଗ ସତର୍କ ଅଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ କରୁଛି। ଯେତେବେଳେ ତହବୁର ରାଣାଙ୍କୁ ଦିଲ୍ଲୀ ଅଣାଯାଉଥିଲା, ସେତେବେଳେ ଲାଲକିଲ୍ଲା ଏବଂ ଜାମା ମସଜିଦରେ ବୋମା ପକାଇବା ପାଇଁ ଏକ ଧମକପୂର୍ଣ୍ଣ ଫୋନ୍ ଆସିଥିଲା। ଧମକପୂର୍ଣ୍ଣ କଲ୍ ଆସିବା ମାତ୍ରେ ଦିଲ୍ଲୀ ପୋଲିସ ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ସକ୍ରିୟ ହୋଇଗଲେ। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉଭୟ ସ୍ଥାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ, କିନ୍ତୁ କିଛି ସନ୍ଦେହଜନକ ମିଳି ନଥିଲା। ଦିଲ୍ଲୀ ପୁଲିସ କହିଛି ଯେ, ଏହି କଲ୍ ନକଲି ଥିଲା। କିଏ ଫୋନ୍ କରିଥିଲା ? ପୁଲିସ ତଦନ୍ତ କରୁଛି। ଦିଲ୍ଲୀ ଅଗ୍ନିଶମ ବିଭାଗର ଅଧିକାରୀ କହିଛନ୍ତି ଯେ, ଗୁରୁବାର ସକାଳ ୯ଟା ୩ରେ ସ୍ମାରକୀ ପରିସରରେ ଏକ ବୋମା ଥିବା ସୂଚନା ମିଳିଥିଲା। ଦଳଗୁଡ଼ିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟେକ କୋଣର ତଦନ୍ତ କରିଥିଲେ। ଯାଞ୍ଚ ସମୟରେ କୌଣସି ସ୍ଥାନରେ କୌଣସି ସନ୍ଦେହଜନକ ଜିନିଷ ମିଳି ନଥିଲା।

## ଶେଖ ହସିନାଙ୍କ ବିରୋଧରେ ବାଂଲାଦେଶ କୋର୍ଟରୁ ଗିରଫ ୱାରେଣ୍ଟ ଜାରି

ଢାକା ୧୦।୪: ବାଂଲାଦେଶ ଅପଦସ୍ଥ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ଆଉ ଏକ ଜାମିନ ବିହୀନ ଗିରଫ ୱାରେଣ୍ଟ ଜାରି କରାଯାଇଛି। ରାଜଧାନୀ ଢାକାର ଏକ କୋର୍ଟ ଗୁରୁବାର ଏକ ଦୁର୍ନୀତି ମାମଲାରେ ଶେଖ ହସିନା, ତାଙ୍କ ଝିଅ ସାଇମା ୱାଜିଦ ପୁତୁଲ ଓ ଅନ୍ୟ ୧୭ ଜଣଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଛି। ସମସ୍ତଙ୍କୁ ବାସପୋଯୋଗୀ ଜମି ଜାଲିଆତି କରି ହାତେଇବାର ଅଭିଯୋଗରେ ଅଭିଯୁକ୍ତ କରାଯାଇଛି। ଢାକା ମେଟ୍ରୋପାଲିଟନ ଜଜ୍ ଜାକିର ହୁସେନ ଗାଲିବ ଗୁରୁବାର ଦୁର୍ନୀତି ନିବାରଣ ଆୟୋଗ (ଏସିସି) ପକ୍ଷରୁ ଦାଖଲ ଅଭିଯୋଗପତ୍ରକୁ ସ୍ୱୀକାର କରିଛନ୍ତି। ତେବେ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ଆୟୋଗର ଓକିଲ ମୀର ଅହମଦ ସଲାମ ସାମ୍ବାଦିକଙ୍କୁ କହିଛନ୍ତି ଯେ ବରିଷ୍ଠ ଜଜ୍ ଜାକିର ହୁସେନ ଗାଲିବ ଏସିସିର ଅଭିଯୋଗପତ୍ର ସ୍ୱୀକାର କରିବା ସହିତ ଅଭିଯୁକ୍ତମାନଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ସେ କହିଛନ୍ତି ଯେ ଏସିସିଙ୍କୁ ଶୁଣାଣି ନିମନ୍ତେ ମାମଲା ସମ୍ପର୍କିତ ଯାଞ୍ଚ ରିପୋର୍ଟ ମେ ୪ ତାରିଖ ସୁଦ୍ଧା କୋର୍ଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମମତା ସରକାରଙ୍କୁ ହଟାଇବାକୁ ଅପିଲ କଲେ ଅଭିନେତା ମିଥୁନ ଚକ୍ରବର୍ତ୍ତୀ

କୋଲକାତା,୧୦।୪: ବଲିଉଡ ଅଭିନେତା ଏବଂ ଭାଜପା ନେତା ମିଥୁନ ଚକ୍ରବର୍ତ୍ତୀ ଗୁରୁବାର କହିଛନ୍ତି ଯେ ଯଦି ମମତା ବାନାର୍ଜୀଙ୍କୁ ପଶ୍ଚିମବଙ୍ଗରୁ ବିତାଡ଼ିତ କରିବାକୁ ପଡ଼େ, ତେବେ ୯ ପ୍ରତିଶତ ହିନ୍ଦୁଙ୍କୁ ବାହାରକୁ ଆସି ଭୋଟ ଦେବାକୁ ପଡିବ। ସେ କୁହନ୍ତି ଯେ ଏମାନେ ସେହି ଭୋଟର ଯେଉଁମାନେ ଭୋଟ ଦେବାକୁ ଆସନ୍ତି ନାହିଁ। ସେ ଏହା ମଧ୍ୟ କହିଥିଲେ ଯେ ସମସ୍ତ ସନାତନୀଙ୍କୁ ଏକାଠି ହେବାକୁ ପଡିବ। ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ସହିତ କଥାବାର୍ତ୍ତା ସମୟରେ ସେ କହିଛନ୍ତି, 'ଦୁଇ ଦିନ ପରେ ହନୁମାନ ଜୟନ୍ତୀ ପାଳନ କରାଯିବ ଏବଂ ଆଜି ଆମେ ରାମ ନବମୀ ଶୋଭା ଯାତ୍ରାରେ ଅଂଶଗ୍ରହଣ କରୁଛୁ। ଆମେ ସମସ୍ତେ ଏକାଠି ଏହାକୁ ପାଳନ କରୁଛୁ। ସମସ୍ତ ସନାତନବାଦୀ ଗୋଟିଏ ଛାତ ତଳେ ଏକାଠି ହୋଇ ଏହାକୁ ପାଳନ କରିଛନ୍ତି। ଆମେ ହିନ୍ଦୁମାନଙ୍କୁ ଅନୁରୋଧ କରୁଛୁ ଯେ ଆମକୁ ଭୋଟ ଦିଅନ୍ତୁ ଏବଂ ଯଦି ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ପଡ଼େ, ତେବେ ଏହା ଏକମାତ୍ର ଉପାୟ। ଭୋଟ ଦେଉ ନଥିବା ୯ ପ୍ରତିଶତ ହିନ୍ଦୁ ମଧ୍ୟ ବାହାରକୁ ଆସି ଭୋଟ ଦେବା ଉଚିତ।

## ଶ୍ରମିକଙ୍କୁ ୨ କୋଟି ଟଙ୍କାର ଆୟକର ନୋଟିସ୍:ପରିବାର ହତାସ୍, କୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ,୧୦।୪: ଦିନ ମଜୁରିଆଙ୍କୁ ଆୟକର ନୋଟିସ୍ । କାମକୁ ଗଲେ ପେଟକୁ ଦାନା ଯାଉଥିବା ପରିବାରକୁ ଆସିଛି ଇନକମ୍ ଟ୍ୟାକ୍ସ ଚିଠି । ଆୟକର ବିଭାଗ ପକ୍ଷରୁ ପ୍ରାୟ ଦୁଇ କୋଟି ଟଙ୍କାର ନୋଟିସ୍ ଲାଗିଛି । ଚିଠି ପଢ଼ିବା ପରେ ପରିବାର ଲୋକଙ୍କ ପାଦ ତଳୁ ମାଟି ଖସିଯାଇଛି । କିଛି ଉପାୟ ନପାଇ ଶେଷରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏଭଳି ଘଟଣା ଉତ୍ତର ପ୍ରଦେଶର ଗଞ୍ଜ ଥାନା ଅଞ୍ଚଳରୁ ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ମୁଜାହିତ ଖାଁ ନାମକ ଜଣେ ଶ୍ରମିକ ଏକ କାଠ ଫାର୍ମରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲା । ଚାକିରି ଆରମ୍ଭ କରିବ ପୂର୍ବରୁ ସ'-ମିଲ୍ ମାଲିକ ତାଙ୍କ ଠାରୁ ଏକ ଫର୍ମ ପୂରଣ କରିବା ସହିତ ପାନକାର୍ଡ ଓ ଆଧାର କାର୍ଡ ନେଇଥିଲେ । ଏହାକୁ ପଞ୍ଜିକୃତ କରିବା ସହିତ ଧୋକାଦେଇ କୋଟି କୋଟି ଟଙ୍କାର କାରବାର କରିଥିବା ଅଭିଯୋଗ ହୋଇଛି । ଯାହାଫଳରେ ଦିନ ମଜୁରିଆ ମୁଜାହିତ ଖାଁଙ୍କ ନାଁରେ ୧.୯୨ କୋଟି ଟଙ୍କା ଆୟକର ନୋଟିସ୍ ଲାଗିଛି । ଏନେଇ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ମାମଲାର ଶୁଣାଣି କରି କାଠ ଫାର୍ମ ମାଲିକଙ୍କ ନାଁରେ ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

### ହୁ' ମୁଖ୍ୟଙ୍କ ଭୟାନକ ଚେତାବନୀ

# ଆଗାମୀ ମହାମାରୀ ନିଶ୍ଚିତ ଆସିବ

ଜେନିଭା ୧୦।୪: ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚଓ) ମହାନିର୍ଦ୍ଦେଶକ ଡା.ଟେଡ୍ରୋସ ଅଦନୋମ ଘେବ୍ରେୟେସସ୍ ଏପରି ଏକ ଚେତାବନୀ ଦେଇଛନ୍ତି ଯାହା ବିଶ୍ୱକୁ ଆଚମ୍ବିତ କରିଛି। ସେ କହିଛନ୍ତି ଆଗାମୀ ମହାମାରୀ ଅବଶ୍ୟମ୍ଭାବୀ ଓ ଏହା ନିଶ୍ଚିତ ଆସିବ। ହୁଏତ ଏହା ୨୦ ବର୍ଷରେ ଆସିବ ଅଥବା କାଲି, କିନ୍ତୁ ନିଶ୍ଚିତ ଆସିବ। ଡବ୍ଲୁଏଚଓ ମୁଖ୍ୟଙ୍କ ଏହି ବିପଦଜନକ ଚେତାବନୀ ବିଶ୍ୱରେ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଡବ୍ଲୁଏଚଓ ବୈଠକରେ ସେ ଆଗାମୀ ବୈଶ୍ୱିକ ମହାମାରୀ ବିଜ୍ଞାନର ନିଶ୍ଚିତ ତଥ୍ୟ। ଏଣୁ ଏଥି ପାଇଁ ପ୍ରସ୍ତୁତି କରିବାକୁ ପଡିବ ବୋଲି କହିଛନ୍ତି। ଡା.ଘେବ୍ରେୟେସସ୍ କହିଛନ୍ତି ଯେ ଆଜି ବିଶ୍ୱରେ ଅନେକ ଅନ୍ୟ ଚ୍ୟାଲେଞ୍ଜ ରହିଛି, ଆର୍ଥିକ ଓ ଭୂ ରାଜନୈତିକ ଭୂକମ୍ପ ଆଗରେ ସରକାରମାନେ ମହାମାରୀ ଆହ୍ୱାନକୁ ପଛ କରିଦେଇଛନ୍ତି। ବିଶ୍ୱ ଏବେ ଯୁଦ୍ଧ ଓ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଛି। ଏଣୁ ଲୋକେ ଓ ସରକାର ଭାବୁଛନ୍ତି କୋଭିଡ-୧୯ ଅତୀତର କଥା। ତେବେ ଆପଣମାନଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ପଡିବ ଯେ ଆଗାମୀ ମହାମାରୀ ଏ ସବୁ କଥାକୁ ଅପେକ୍ଷା କରିବନି। କରୋନା ଭାଇରସ ମହାମାରୀର ବିନାଶକାରୀ ପ୍ରଭାବକୁ ମନେ ପକାଇ ସେ କହିଛନ୍ତି ଏହା ଭୁଲିଯିବା ଉଚିତ ନୁହେଁ ଯେ ଏହି ମାମାରୀ ସାରା ବିଶ୍ୱରେ ୭୦ ଲକ୍ଷ ଲୋକଙ୍କ ଜୀବନ ନେଇଯାଇଛି,




ଯାହା ଏକ ସରକାରୀ ତଥ୍ୟ। ତେବେ ଏହି ମହାମାରୀରେ ସାରା ବିଶ୍ୱରେ ୨ କୋଟିରୁ ଅଧିକ ଲୋକେ ପ୍ରାଣହରାଇଥିଲେ। ଡା. ଘେବ୍ରେୟେସସ୍ କହିଛନ୍ତି ଯେ କରୋନା ଭାଇରସ ମହାମାରୀ ବିଶ୍ୱକୁ ୧୦ହଜାର ବିଲିୟନ ଡଲାର କ୍ଷତିରେ ପକାଇଛି। ଏହି ମହାବିନାଶ ବୈଶ୍ୱିକ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଣାଳୀକୁ ମଜଭୁତ କରିବାକୁ ବାଧ୍ୟ କରିଛି। ଏଣୁ ସରକାରମାନଙ୍କୁ ଏଥି ପ୍ରତି ଅବିଳମ୍ବେ ଧ୍ୟାନ ଦେବାକୁ ପଡିବ ବୋଲି ସେ କହିଛନ୍ତି। ଡବ୍ଲୁଏଚଓ ମୁଖ୍ୟ କହିଛନ୍ତି ଯେ ଆଗାମୀ ମହାମାରୀକୁ ଧ୍ୟାନରେ ରଖି ଅବିଳମ୍ବେ ଏକ ମହାମାରୀ ବୁଝାମଣାର ଆବଶ୍ୟକତା ରହିଛି, ଯାହା ଦ୍ୱାରା ବିଶ୍ୱସ୍ତରରେ ସରକାର ମହାମାରୀ ମୁକାବିଲା ରଣନୀତିରେ ବୈଶ୍ୱିକ ଭାଗିଦାରୀର ବାଧ୍ୟ ବାଧକତାରେ ବନ୍ଧା ହୋଇ ରହିବେ। ବୈଶ୍ୱିକ ମହାମାରୀର ନିୟନ୍ତ୍ରଣ, ସୁରକ୍ଷା, ପ୍ରସ୍ତୁତି ଓ ପ୍ରବନ୍ଧନ ଅନ୍ତର୍ଜାତୀୟ ସିଷ୍ଟମରେ ପରିଣତ ହେଉ। ସେ କହିଛନ୍ତି ଯେ ଏହି ବୁଝାମଣା ଏପରି ହେବା ଉଚିତ ଯେ ଯେଉଁଥିରେ କୌଣସି କ୍ଷୁଦ୍ର ଅଥବା ଗରିବ ଦେଶ ପ୍ରତି ଯେପରି ପାତରଅନ୍ତର ନ ହୁଏ। ଏଥି ପାଇଁ ସେ ଜାତିସଂଘ ଅନ୍ତର୍ଗତ ଦେଶମାନଙ୍କୁ ଆହ୍ୱାନ ଦେଇଛନ୍ତି ଯେ ଏ ଦିଗରେ ସେମାନେ ଅବିଳମ୍ବେ ଆଗକୁ ବଢନ୍ତୁ ଓ ଏକ ସାର୍ବଭୌମ ଓ ସମଗ୍ର ବୁଝାମଣାରେ ସ୍ୱାକ୍ଷର କରନ୍ତୁ। ସେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିଙ୍କୁ ନିବେଦନ କରିଛନ୍ତି ଯେ ଆପଣମାନେ ଗତ ୩ ବର୍ଷ ହେଲା ଜଣେ ଜଣକ ସମ୍ପର୍କରେ ଆସିଛନ୍ତି। ଏହି ଦିଗରେ ସିଡି ପରେ ସିଡି ଆଗକୁ ବଢିଛନ୍ତି। ଏବେ ଏହାକୁ ଚୂଡ଼ାନ୍ତ ରୂପ ଦେବାର ସମୟ ଆସିଛି। ଏଥି ପାଇଁ ଏକ ସର୍ବମାନ୍ୟ ବୁଝାମଣା ପାଇଁ ପ୍ରସ୍ତୁତ ହୁଅନ୍ତୁ।

### କାଳ ବୈଶାଖୀର ତାଣ୍ଡବ

## ବର୍ଷା-ଘଡ଼ଘଡ଼ିରେ ୩୦ରୁ ଉର୍ଦ୍ଧ୍ୱ ଲୋକାଙ୍କ ମୃତ୍ୟୁ

ପାଟନା,୧୦।୪: ବିହାରର ନାଳନ୍ଦା, ସିୱାନ, ଭୋଜପୁର, ଗୋପାଳଗଞ୍ଜ, ବେଗୁସରାଇ, ସରନ, ଗୟା, ଜେହାନାବାଦ ଏବଂ ଅରୱାଲରେ ଗୁରୁବାର ଅବରାହ୍ନରେ ବଜ୍ରପାତ ଏବଂ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ, କାନ୍ଥ, କଲଭର୍ଟ ଆଦି ଭୁଶୁଡି ପଡିବାରୁ ବହୁ ଧନଜୀବନ କ୍ଷତି ହୋଇଛି। ଏହି ଜିଲାଗୁଡ଼ିକରେ ମୋଟ ୩୧ ଜଣ ପ୍ରାଣ ହରାଇଥିବା କୁହାଯାଉଛି। ଯେଉଁଥିରେ ନାଳନ୍ଦାରେ ସର୍ବାଧିକ ୧୩ ଜଣଙ୍କ ଜୀବନ ଯାଇଥିଲା। ଏମାନଙ୍କ ମଧ୍ୟରୁ ଗୋଟିଏ ବି ମୃତ୍ୟୁ ବଜ୍ରପାତ ଯୋଗୁଁ ହୋଇନାହିଁ। ନାଳନ୍ଦା ଜିଲାର ମାନପୁର ଥାନାର ନାଗୱାନ ଗାଁରେ ଥିବା ଦେବୀ ସ୍ଥାନର କାନ୍ଥରେ ଏକ ବିରାଟ ପିପଳ ଗଛ ଭାଙ୍ଗି ପଡ଼ିବାରୁ ଗଛ ଏବଂ କାନ୍ଥର ଭଗ୍ନାବଶେଷ ତଳେ ଚାପି ହୋଇ ସେହି ସ୍ଥାନରେ ଛଅ ଜଣଙ୍କର ମୃତ୍ୟୁ ଘଟିଛି। ଇସଲାମପୁର ଜିଲାର ବାଲାମଟ ବିଘା ଗାଁ ନିକଟରେ ଏକ କଲଭର୍ଟ ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ଚାପି ହୋଇ ଜଣେ ଜେଜେମା, ତାଙ୍କ ଦୁଇ ବର୍ଷର ନାତି ଏବଂ ନଅ ମାସର ନାତୁଣୀଙ୍କ ମୃତ୍ୟୁ ଘଟିଛି। ଜିଲାର ପାବାପୁରୀ ଆସିଷ୍ଟାଣ୍ଟ ପୋଲିସ ଷ୍ଟେଶନର ଦୁର୍ଗାପୁର ଖଣ୍ଡାରେ ଏକ ଦଶ ବର୍ଷର ବାଳକ ତାଳଗଛରେ ଚାପି ହୋଇ ମୃତ୍ୟୁବରଣ କରିଛି। ଜିଲାର ସିଲାଭର ମାଧୋପୁରରେ ଏକ ତାଳଗଛ ତଳେ ଚାପି ହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସେହି ସମୟରେ, ରାଜଗିରର ସରିଲଚକରେ ଗଛରେ ଚାପି ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ଭୋଜପୁରରେ ଜଣେ ମାଆ ଏବଂ ପୁଅ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ଜଣେ ବଜ୍ରପାତ ଯୋଗୁଁ ଏବଂ ଚାରି ଜଣ କାନ୍ଥ ଏବଂ ଗଛରେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ଭୋଜପୁରର ବାରହାରାର ବିହାରକୁ ଉତ୍ତରପ୍ରଦେଶକୁ ସଂଯୋଗ କରୁଥିବା ମହୁଲି ଘାଟ-ସୀତାବାଡିଆ ପଣ୍ଟୁନ ବ୍ରିଜ ପ୍ରବଳ ଝଡ଼ ଓ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି। ସିୱାନରେ ବଜ୍ରପାତ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ହୋଇଛି। ସାରଣର ପାନାପୁରରେ ବଜ୍ରପାତ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଗୋପାଳଗଞ୍ଜରେ ଜଣେ ମହିଳାଙ୍କ କୁଡ଼ିଆ ଉପରେ ଗଛ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି।

## କେଶ କାଟିବା ଅପରାଧ: ଧରାପଡ଼ିଲେ ଚାବୁକ୍ ମାଡ଼

କାବୁଲ,୧୦।୪: ମୌଳବାଦୀ ତାଲିବାନ ଶାସନରେ ସାଧାରଣ ଲୋକଙ୍କ ଜୀବନ ଆହୁରି କଷ୍ଟକର ହେବାରେ ଲାଗିଛି। ଆଫଗାନିସ୍ତାନରେ, ତାଲିବାନର ନୈତିକତା ପୋଲିସ ଏବେ ପୁରୁଷମାନଙ୍କ କେଶ ଏବଂ ଦାଢ଼ିର ଲମ୍ବ ଉପରେ ମଧ୍ୟ ନଜର ରଖିଛି। ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ପବିତ୍ର ରମଜାନ ମାସରେ ଅନେକ ଲୋକଙ୍କୁ ଅଟକ ରଖାଯାଇଥିଲା କାରଣ ସେମାନଙ୍କର କେଶ କିମ୍ବା ଦାଢ଼ି ତାଲିବାନ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ନଥିଲା। କେଶ କାଟିଥିବା ନାପିତମାନଙ୍କୁ ମଧ୍ୟ ଦଣ୍ଡ ଦିଆଯାଇଛି। ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ଆଫଗାନିସ୍ତାନରେ ତାଲିବାନ ନୈତିକତା ପୁଲିସ ଗତ ଛଅ ମାସରେ 'ଅଣ-ଇସଲାମିକ' ଭାବେ କେଶ କାଟିବା ଏବଂ ଦାଢ଼ି ରଖିବା ପାଇଁ ଶହ ଶହ ଲୋକଙ୍କୁ ଅଟକ ରଖିଛି। ଏହି ନିୟମ ଅନୁଯାୟୀ, କେବଳ ସାଧାରଣ ଲୋକ ନୁହେଁ ବରଂ ନାପିତ ଏବଂ କେଶ କାଟୁଥିବା ବ୍ୟବସାୟୀଙ୍କୁ ମଧ୍ୟ ଟାର୍ଗେଟ କରାଯାଇଛି। ଅଭିଯୋଗ ହୋଇଛି ଯେ, ଏହି ଗିରଫଦାରୀଗୁଡ଼ିକ ମଧ୍ୟରୁ ଅନେକରେ କୌଣସି ଆଇନଗତ ପ୍ରକ୍ରିୟା ଅନୁସରଣ କରାଯାଇ ନଥିଲା କିମ୍ବା ପୁଲିସକୁ କୌଣସି ଅଧିକାର ଦିଆଯାଇ ନଥିଲା। ଧରାପଡ଼ିଥିବା ଅନେକଙ୍କୁ ସର୍ବସାଧାରଣରେ ଚାବୁକ ମାଡ଼ କରାଯାଇଥିଲା। ରମଜାନ ମାସରେ, ତାଲିବାନ କର୍ତ୍ତୃପକ୍ଷ ମସଜିଦରେ ବାଧ୍ୟତାମୂଳକ ଭାବେ ନମାଜ ପାଠ କରୁ ନଥିବା ଲୋକଙ୍କୁ ମଧ୍ୟ ଜେଲ୍ ପଠାଇଥିଲେ। ରିପୋର୍ଟ ଅନୁଯାୟୀ, କୌଣସି ପୂର୍ବ ଚେତାବନୀ କିମ୍ବା ପ୍ରକ୍ରିୟା ବିନା ଏହି ଗିରଫଦାରୀ କରାଯାଇଥିଲା। ତାଲିବାନ ଏଭଳି କାର୍ଯ୍ୟକୁ ଇସଲାମିକ ସମାଜକୁ ନଷ୍ଟ କରାଯାଉଥିବା ବୋଲି କହୁଛି। କିନ୍ତୁ ଏହା ସିଧାସଳଖ ସାଧାରଣ ନାଗରିକଙ୍କ ସ୍ୱାଧୀନତା ଏବଂ ଜୀବନଶୈଳୀକୁ ପ୍ରଭାବିତ କରୁଛି।

## ଗୁଜରାଟର ବିକାଶରେ ଜିସିସିଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି: ଶାହା

ନୂଆଦିଲ୍ଲୀ,୧୦।୪(ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ଗୁଜରାଟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ବାର୍ଷିକ ବାଣିଜ୍ୟ ପ୍ରଦର୍ଶନୀ ୨୦୨୫ର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗୁଜରାଟର ବିକାଶରେ ଗୁଜରାଟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ ଉଲ୍ଲେଖ କରିଥିଲେ ଯେ କସ୍ତୁରଭାଇ ଶେଠଙ୍କ ନେତୃତ୍ୱରେ ଚାମ୍ବରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଶ୍ରୀ ଶାହ



କହିଥିଲେ ଯେ ଚାମ୍ବର୍ ଯୁବକମାନଙ୍କୁ ଉଦ୍ୟମିତା, ସାହସ ଏବଂ ବିଶ୍ୱର ଯେକୌଣସି ସ୍ଥାନରେ ବ୍ୟବସାୟ କରିବା ପାଇଁ ଉତ୍ସାହର ସହିତ ଅନୁପ୍ରାଣିତ କରିଛି। ସେ ଆହୁରି କହିଥିଲେ ଯେ କ୍ରମାଗତ ୭୫ ବର୍ଷ ଧରି ଚାମ୍ବର୍ ଏହି ପରମ୍ପରାକୁ ବଜାୟ ରଖିଛି, ସରକାରଙ୍କ ସହ ଆଲୋଚନା ଜାରି ରଖିଛି, ଜନସ୍ୱାର୍ଥ ପ୍ରତି ଧ୍ୟାନ ଦେଇଛି ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ଛିଡା ହୋଇଛି। ଅମିତ ଶାହ କହିଥିଲେ ଯେ ଚାମ୍ବର ନିଜର ୭୫ ବର୍ଷର ଯାତ୍ରା ଶେଷ କରି ଏବେ ୧୦୦ ବର୍ଷର ମାଇଲଖୁଣ୍ଟ ଆଡକୁ ଅଗ୍ରସର ହେଉଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଚାମ୍ବରର ନେତୃତ୍ୱ ପେସାଦାର ଭାବେ ୭୫ରୁ ୧୦୦ ବର୍ଷର ଏହି ଯାତ୍ରା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଉଚିତ ଏବଂ ଏହାକୁ ଗୁଜରାଟର ବିକାଶ ସହିତ ଯୋଡ଼ି ଏହାକୁ ଆଗକୁ ନେବା ଉଚିତ। ସେ କହିଥିଲେ ଯେ ଶିଳ୍ପ ଉଦ୍ୟମିତାର ଭାବନାକୁ ଜୀବନ୍ତ ରଖିବା ଏବଂ ଗୁଜରାଟର ଯୁବକମାନଙ୍କ ମଧ୍ୟରେ ଏହାକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଚାମ୍ବର୍ ଏକ ଯୋଜନା ପ୍ରସ୍ତୁତ କରିବା ଉଚିତ। ସେ ଦର୍ଶାଇଥିଲେ ଯେ ଏମ୍ଏସ୍ଏମ ଇ ଗୁଡ଼ିକ ହେଉଛି ଆମର ସବୁଠାରୁ ବଡ଼ ସମ୍ପଦ, ଏବଂ ଯଦି ଆମେ ପଛକୁ ଚାହିଁବା, ତେବେ ପ୍ରତ୍ୟେକ ପ୍ରମୁଖ ଉଦ୍ୟୋଗ ଏକଦା ଏକ କ୍ଷୁଦ୍ର ଉଦ୍ୟୋଗ ଭାବେ ଆରମ୍ଭ ହୋଇଛି।

### ହିମାଚଳ ପ୍ରଦେଶ ସରକାରଙ୍କୁ ଟାର୍ଗେଟ କଲେ କଙ୍ଗନା

## ଘରେ ପଡିଛି ତାଲା, ବିଜୁଳି ବିଲ୍ ଆସିଲା ୧ ଲକ୍ଷ ଟଙ୍କା



ମୁମ୍ବାଇ ୧୦।୦୪; ବଲିଉଡର ଲୋକପ୍ରିୟ ଅଭିନେତ୍ରୀ କଙ୍ଗନା ରାଣାୱତ । ଏବେ ତାଙ୍କର ସଂସଦୀୟ ଦାୟିତ୍ୱ ଏବଂ ଫିଲ୍ମ ପ୍ରୋଜେକ୍ଟ ଗୁଡ଼ିକର ସୁଟିଂରେ ବ୍ୟସ୍ତ ଅଛନ୍ତି। କିଛି ଦିନ ତଳେ କଙ୍ଗନାଙ୍କୁ ହିମାଚଳ ପ୍ରଦେଶର ମଣ୍ଡିରେ ଆୟୋଜିତ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ହେଲେ ଏବେ କଙ୍ଗନା ଏକ ବଡ଼ ଖୁଲାସା କରିଛନ୍ତି। ମଣ୍ଡିରେ ଥିବା ତାଙ୍କ ଘରର ବିଦ୍ୟୁତ୍ ବିଲ୍ ବିଷୟରେ ଚାଞ୍ଚଲ୍ୟକର ସୂଚନା ଦେଇଥିଲେ ଅଭିନେତ୍ରୀ। କଙ୍ଗନା ରାଣାୱତ ତାଙ୍କ ମନାଲି ଘର ପାଇଁ ମିଳିଥିବା ମୋଟା ଅଙ୍କର ବିଦ୍ୟୁତ୍ ବିଲ୍ ପାଇଁ କଂଗ୍ରେସ ନେତୃତ୍ୱାଧୀନ ହିମାଚଳ ପ୍ରଦେଶ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଏହି ମାସରେ ମନାଲିରେ ଥିବା ମୋ ଘର ପାଇଁ ମୁଁ ୧ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ଆସିଛି। ଯେଉଁଠାରେ ସେ ରହୁ ବି ନାହାନ୍ତି। ପରିସ୍ଥିତି ଏତେ ଖରାପ ହୋଇଗଲାଣି। ମୋ ଭାଇ-ଭଉଣୀମାନଙ୍କୁ ଏତିକି ଅନୁରୋଧ ରାଜ୍ୟର ଉନ୍ନତି ପାଇଁ କାମ କରନ୍ତୁ। ରାଜ୍ୟ ସରକାର ହେଉଛନ୍ତି ଗଧିଆ ଏବଂ ମନାଲିର ଲୋକମାନଙ୍କୁ ସେମାନଙ୍କ କବଳରୁ ବାହାରିବାକୁ ପଡିବ। ଏହି ଦେଶକୁ, ଏହି ରାଜ୍ୟକୁ ପ୍ରଗତି ପଥରେ ନେବା ଆମ ସମସ୍ତଙ୍କର ଦାୟିତ୍ୱ। ହେଲେ ପ୍ରଗତି ପାଇଁ ଆମକୁ ଗଧିଆଙ୍କ କବଳରୁ ମୁକ୍ତ ହେବାକୁ ପଡ଼ିବ।

## ବାଂଲାଦେଶରେ ପୁଣି ହଲଚଲ ୫ବଡ଼ ସୈନ୍ୟ ଅଧିକାରୀ ଗୃହବନ୍ଦୀ



ଢାକା ୧୦।୪: ବାଂଲାଦେଶରେ ପୁଣି ହଲଚଲ ଦେଖାଯାଇଛି। ରାଜଧାନୀ ଢାକାରେ ସେନାର ୫ ବଡ଼ ସୈନ୍ୟ ଅଧିକାରୀଙ୍କୁ ଗୁରୁବାର ହାଉସ୍ ଆରେଷ୍ଟ କରାଯାଇଛି। ମିଡିଆ ରିପୋର୍ଟ ଅନୁସାରେ ବାଂଲାଦେଶ ସେନା ମୁଖ୍ୟ ଜେନେରାଲ ୱାକାର ଉଲ ଜମାନଙ୍କ ଋଷିଆ ଗସ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଛି। ଏହି ଘଟଣାକ୍ରମ ଏବେ ଢାକା ପ୍ରତି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ରିପୋର୍ଟ ଅନୁସାରେ ବାଂଲାଦେଶ ସେନାର ଯେଉଁ ୫ ବରିଷ୍ଠ ଅଧିକାରୀ ଢାକା ଛାଉଣୀରେ ନଜରବନ୍ଦୀ ଅଛନ୍ତି ସେମାନଙ୍କ ମଧ୍ୟରେ ୨ ଜଣ ବ୍ରିଗେଡିୟର, ଜଣେ କର୍ଣ୍ଣେଲ, ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜର ଅଛନ୍ତି। ଏହି ସୈନ୍ୟ ଅଧିକାରୀମାନଙ୍କୁ ଏପ୍ରିଲ ୫ ତାରିଖରୁ ସେମାନଙ୍କ ସରକାରୀ କ୍ୱାର୍ଟର ପର୍ଯ୍ୟନ୍ତ ସୀମିତ କରି ଦିଆଯାଇଥିଲା। ବାଂଲାଦେଶ ଅନ୍ତରୀଣ ସରକାର ସାର୍ବଜନିକ ରୂପେ ୫ ଅଧିକାରୀଙ୍କ ପରିଚୟ ଘୋଷଣା କରୁ ନାହାନ୍ତି। ତେବେ ଭାରତୀୟ ଏଜେନ୍ସି ଏହି ୫ ଅଧିକାରୀଙ୍କୁ ଚିହ୍ନଟ କରିଛନ୍ତି। ଏମାନଙ୍କ ମଧ୍ୟରେ ବ୍ରିଗେଡିୟର ଜେନେରାଲ ଏସ.ଏମ.ଜକାରିୟା ହୁସୈନ (ଇଞ୍ଜିନିୟର୍ସ ବ୍ରିଗେଡ), ବ୍ରିଗେଡିୟର ଜେନେରାଲ ଇମରାନ ହମିଦ (ଇନଫେଣ୍ଟ୍ରି ବ୍ରିଗେଡ) ଅଛନ୍ତି। ଜେନେରାଲ ହମିଦ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଏଡିସି ଥିଲେ। ଏହାଛଡା ରାପିଡ ଆକ୍ସନ ବଟାଲିୟନ (ଆରଏବି)ରୁ କର୍ଣ୍ଣେଲ ଅବଦୁଲ୍ଲା ଅଲ ସୋମେନ, ବର୍ଡରଗାର୍ଡ ବାଂଲାଦେଶ (ବିଜିବି)ର ଲେଫ୍ଟନାଣ୍ଟ କର୍ଣ୍ଣେଲ ମହମ୍ମଦ ରିଦବାନୁଲ ଇସ୍ଲାମ ଓ ଇଷ୍ଟ ବେଙ୍ଗଲ ରେଜିମେଣ୍ଟରୁ ମେଜର ମହମ୍ମଦ ନୋମାନ ଅଲ ଫାରୁଖ ଙ୍କୁ ମଧ୍ୟ ନଜରବନ୍ଦୀ କରାଯାଇଛି। ଏଜେନ୍ସୀମାନଙ୍କରୁ ମିଳୁଥିବା ରିପୋର୍ଟ ଅନୁସାରେ ଏହି ସବୁ ଅଧିକାରୀଙ୍କୁ ୨୪ ଘଣ୍ଟା ନଜରରେ ରଖାଯାଇଥିବା ବେଳେ ସେମାନଙ୍କୁ ସବୁ ଦାୟିତ୍ୱରୁ ମୁକ୍ତ କରିଦିଆଯାଇଛି। ସେମାନଙ୍କ ଗତିବିଧି ଉପରେ କଟକଣା ଜାରି ହୋଇଥିବା ବେଳେ ଯେପରି ଦେଶ ନଛାଡି ପାରନ୍ତି ସେଥି ପ୍ରତି କଡ଼ା ନଜର ରଖାଯାଇଛି।

# ବିଦେଶୀ ଜେଲରେ ବନ୍ଦୀ ଅଛନ୍ତି ୧୦ ହଜାରରୁ ଅଧିକ ଭାରତୀୟ

## ୩ ବର୍ଷରେ ସ୍ୱଦେଶ ଫେରିଛନ୍ତି କେବଳ ୮ ଜଣ

ନୂଆଦିଲ୍ଲୀ,୧୦।୪: ସାରା ଦୁନିଆର ବିଦେଶୀ ଜେଲରେ ମୋଟ ୧୦ ହଜାର ୧୫୨ ଜଣ ଭାରତୀୟ ନାଗରିକ ବନ୍ଦୀ ଅଛନ୍ତି । ସଂସଦୀୟ କମିଟିର ଏକ ରିପୋର୍ଟରେ ଏହି ତଥ୍ୟ ସାମନାକୁ ଆସିଛି । ଏମାନଙ୍କ ମଧ୍ୟରୁ ଅନେକ ଅଣ୍ଡର୍ ଟ୍ରାୟଲ୍ ଅଛନ୍ତି ଓ ଅନେକ ଦଣ୍ଡ ଭୋଗୁଛନ୍ତି । ଏପରି କଏଦୀଙ୍କ ଟ୍ରାନ୍ସଫର୍ ପାଇଁ ଭାରତ ସରକାର ଏବେ ସୁଦ୍ଧା ୩୧ ଦେଶଙ୍କ ସହ ଦ୍ୱିପାକ୍ଷିକ ଚୁକ୍ତି କରିଛନ୍ତି । ଏହି ଚୁକ୍ତି ଅନୁସାରେ ବିଦେଶୀ ଜେଲରେ ଦଣ୍ଡ ଭୋଗୁଥିବା ଭାରତୀୟଙ୍କୁ ଭାରତ ଆଣି ଏଠାରେ ବାକି ଥିବା ଦଣ୍ଡ ଭୋଗିବା ପାଇଁ ଅନୁମତି ମିଳୁଛି । କିନ୍ତୁ ଗତ ତିନି ବର୍ଷରେ ମାତ୍ର ୮ ଭାରତୀୟ କଏଦୀ ହିଁ ବିଦେଶୀ ଜେଲରୁ ଭାରତ ଟ୍ରାନ୍ସଫର୍ ହୋଇଛନ୍ତି । ଟ୍ରାନ୍ସଫର୍ ଅଫ୍ ସେଣ୍ଟେଷ୍ଟଡ୍ ପର୍ସନ ଅର୍ଥାତ୍ ଟିଏସପି ଚୁକ୍ତି ଅନୁସାରେ ୨୦୨୩ ମସିହାରେ ପାଞ୍ଚ ଜଣଙ୍କୁ ଭାରତ ଅଣାଯାଇଥିଲା । ଏଥିରୁ ତିନି ଜଣ ଇରାନ, ଜଣେ କମ୍ବୋଡିଆ ଓ ଅନ୍ୟ ଜଣେ ବ୍ରିଟେନ୍ ଜେଲରେ ବନ୍ଦୀ ଥିଲେ । ସେହିପରି ୨୦୨୪ରେ ବ୍ରିଟେନରୁ ୨ ଜଣ ଓ ଋଷରୁ ଜଣେ ବନ୍ଦୀ ଭାରତ ଆସିଛନ୍ତି । ଭାରତ ଏହି ଦ୍ୱିପାକ୍ଷିକ ବୁଝାମଣା ବ୍ୟତୀତ ଦୁଇଟି



ଅନ୍ତରାଷ୍ଟ୍ରୀୟ ରାଜିନାମା ଉପରେ ମଧ୍ୟ ହସ୍ତାକ୍ଷର କରିଛି । ଇଣ୍ଟର ଆମେରିକନ୍ କନଭେନ୍ସନ୍ ଅନ୍ ସର୍ଭିଙ୍ଗ କ୍ରିମିନାଲ୍ ସେଣ୍ଟେନ୍ସ ଓ କାଉନ୍ସିଲ୍ ଅଫ୍ ୟୁରୋପ କନଭେନ୍ସନ୍ ଅନ୍ ଟ୍ରାନ୍ସଫର୍ ଅଫ୍ ସେଣ୍ଟେଷ୍ଟଡ୍ ପର୍ସନ୍ସ । ଏହା ଜରିଆରେ ୟୁରୋପ ଓ ଆମେରିକାର ଅଧିକାଂଶ ଆସନ୍ତି, କିନ୍ତୁ ଏସିଆ, ଆଫ୍ରିକା ଓ ପୂର୍ବ ୟୁରୋପର ଅନେକ ଦେଶ ସହ ଏବେ ବି ଏପରି ଚୁକ୍ତି ହୋଇପାରି ନାହିଁ । ରିପୋର୍ଟରେ କୁହାଯାଇଛି ଯେ ୧୨ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲରେ ବନ୍ଦୀ ଅଛନ୍ତି । ଏମାନଙ୍କ ମଧ୍ୟରେ ସାଉଦି ଆରବ (୨୬୪୭) ୟୁଏଇ (୨୪୭୯), ନେପାଳ (୧୧୮୭), ମାଲେସିଆ (୩୭୧) ଓ ବାହାରିନ୍ (୨୭୨) ପ୍ରମୁଖ ଅଛନ୍ତି । ଏହି ୧୨ରୁ ୯ ଦେଶ ସହ ଟ୍ରାନ୍ସଫର୍ ରାଜିନାମା ସ୍ୱାକ୍ଷର ଅଛି । ଭାରତ ସହ ଟିଏସପି ସ୍ୱାକ୍ଷର କରିଥିବା ଦେଶଗୁଡ଼ିକ ହେଲେ- ଅଷ୍ଟ୍ରେଲିଆ, ବାହାରିନ, ବାଂଲାଦେଶ, ବୋସନିଆ, ବ୍ରାଜିଲ, କାମ୍ବୋଡିଆ, ଇଜିପ୍ଟ, ଏଷ୍ଟୋନିଆ, ଫ୍ରାନ୍ସ, ହଂକଂ, ଇରାନ, ଇସ୍ରାଏଲ, ଇଟାଲୀ, କାଜାଖସ୍ତାନ, କୋରିଆ, କୁଏତ, ମାଳଦ୍ୱୀପ, ମଙ୍ଗୋଲିଆ, କତାର, ଋଷ, ସାଉଦି ଆରବ, ସୋମାଲିଆ, ସ୍ପେନ, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ତୁର୍କୀ, ୟୁଏଇ, ୟୁକେ ଏବଂ ଭିଏତନାମ ।

# ୭୨ ଦିନ ପରେ ହତ୍ୟାକାଣ୍ଡରୁ ପରଦା ହଟିଲା: ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ଏକ ହତ୍ୟା ମାମଲାରୁ ୭୨ଦିନ ପରେ ପରଦା ହଟିଛି । ପ୍ରେମ-ପ୍ରତାରଣା-ପ୍ରତିଶୋଧକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ ହୋଇଛି । ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଜଗତସିଂପୁର କୁଜଙ୍ଗର ଚନ୍ଦନ ପରିଡା ଓରଫ ମଙ୍ଗୁ । ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ଗତ ଜାନୁଆରୀ ୧୭ତାରିଖ ଦିନ କନ୍ଧମାଳର ବନିତା ଦିଗଲ ତାଙ୍କ ଭଉଣୀ ସ୍ନେହା ବେହେରା ଓରଫ ଅପର୍ଣ୍ଣା ୧୦ ତାରିଖରୁ ନିଖୋଜ ଥିବା ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ଷ୍ଟେସନ ଡାଏରୀ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା । ଏହାର କିଛିଦିନ ପରେ ଅର୍ଥାତ ଜାନୁଆରୀ ୨୮ ତାରିଖରେ ଧଉଳି ଥାନା ଲିଙ୍ଗିପୁର ଅଂଚଳରୁ ଜଣେ ଯୁବତୀଙ୍କ ଗଳିତ ଶବ ଉଦ୍ଧାର ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ମୃତ ଦେହଟି ଖଣ୍ଡଗିରିରୁ ନିଖୋଜ ଯୁବତୀଙ୍କର ବୋଲି ସ୍ପଷ୍ଟ ହୋଇଥିଲା । ପରେ ପୋଲିସ ଏକ ମାମଲା ରୁଜୁ କରି ଖୋଳତାଡ ଆରମ୍ଭ କରିଥିଲା । ତଦନ୍ତ ବେଳେ ଏହା ଏକ ପ୍ରେମ ଓ ପ୍ରତିଶୋଧର ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା । ତଦନ୍ତରୁ ଜଣାପଡିଲା ଯେ, କନ୍ଧମାଳର ସ୍ନେହା ବେହେରା ଖଣ୍ଡଗିରି ଅଂଚଳରେ ରହି ସେଲସ୍ ଗାର୍ଲ ଭାବେ କାର୍ଯ୍ୟ କରୁଥିଲେ । ଏହି ସମୟରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା ଚନ୍ଦନ ପରିଡ଼ାଙ୍କ ସହ ପ୍ରେମ ସଂପର୍କ ଆରମ୍ଭ ହୋଇଥିଲା । ହେଲେ ସ୍ନେହାଙ୍କ ଚରିତ୍ରକୁ ନେଇ ଅଭିଯୁକ୍ତ ଚନ୍ଦନ ସନ୍ଦେହ କରୁଥିଲା । ସେ ଆଉ ଜଣେ ଯୁବକଙ୍କ ସହ କଥା ହେଉଥିବା ଚନ୍ଦନ ସନ୍ଦେହ କରୁଥିଲେ । ଏହାକୁ ନେଇ ତାଙ୍କ ଭିତରେ ବିବାଦର ସୂତ୍ରପାତ ହୋଇଥିଲା । ତେବେ ୧୦ ତାରିଖ ଦିନ ଦୁହେଁ ଧଉଳି ବୁଲିବାକୁ ଯାଇଥିଲେ । ବୁଲାବୁଲି ସାରି ସନ୍ଧ୍ୟାରେ ଦୁହେଁ ନଦୀବନ୍ଧରେ ଚାଲି ଚାଲି ବାଙ୍କୁଆଳ ଆଡକୁ ଯାଉଥିଲେ । ଏହି ସମୟରେ ଉକ୍ତ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ରାଗିଯାଇ ଅଭିଯୁକ୍ତ ତାଙ୍କୁ ଏକ ଶକ୍ତ ଚାପୁଡା ମାରିଥିଲା । ଫଳରେ ସେ ଚେତାଶୂନ୍ୟ ହୋଇପଡିଥିଲା । ପରେ ଚୁନିରେ ତା ବେକୁ ଚାପି ହତ୍ୟା କରିଥିଲା । ହତ୍ୟା କରିବା ପରେ ମୃତ ଦେହକୁ ନଦୀ ବନ୍ଧ କଡରେ ଫିଙ୍ଗି ଫେରାର ହୋଇଯାଇଥିଲା । ପୋଲିସ ଶବ ଜବତ ପରେ ମୃତ ଯୁବତୀଙ୍କ ମୋବାଇଲ ଫୋନକୁ ଆଧାର କରି ତଦନ୍ତ କରିବା ବେଳେ ଅଭିଯୁକ୍ତ ଚନ୍ଦନ ସନ୍ଦେହ ଘେରକୁ ଆସିଥିଲା । ପରେ ତାକୁ ପୋଲିସ ହେପାଜତକୁ ନେଇ ପଚରାଉଚରା କରିବା ପରେ ସେ ସତ ସ୍ୱିକାର କରିଥିଲା । ଅଭିଯୁକ୍ତ ଚନ୍ଦନ ନାମରେ ପୂର୍ବରୁ ଏକ ଦୁଷ୍କର୍ମ ଓ ହତ୍ୟା ମାମଲା ରହିଛି । ଅନ୍ୟପକ୍ଷରେ ପୁରୀ ଚନ୍ଦନପୁରର ମିଟୁ ପରିଡା ତଦନ୍ତକୁ ବାଟମଣା କରିବା ଓ ନିଜ ଶତ୍ରୁକୁ ପାନେ ଦେବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା । ଯୁବତୀଙ୍କ ଗଳିତ ଶବ ମିଳିବା ଜାଣିବା ପରେ ମିଟୁ ଯାଜପୁରର ରମେଶ ସାହୁଙ୍କ ଆଧାର କାର୍ଡ, ମନିପର୍ସ ଓ ଅନ୍ୟାନ୍ୟ ଜିନିଷ ଘଟଣାସ୍ଥଳରେ ଫିଙ୍ଗି ଦେଇଥିଲା । ଫଳରେ ପୋଲିସର ସନ୍ଦେହ ତା' ଉପରକୁ ଯାଇଥିଲା । ପରେ ଏହି ଘଟଣା ମଧ ସାମ୍ନାକୁ ଆସିଛି ଓ ମିଟୁ ପରିଡାକୁ

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ: ଯୁବକ ଗିରଫ

ଆସିକା(ନିପ୍ର): ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରଥମେ ଶାରୀରିକ ସମ୍ପର୍କ ପରେ ପ୍ରତାରଣା ଦେଇ ଅନ୍ୟତ୍ର ବିବାହ ପାଇଁ ଯୋଜନା କରୁଥିବା ଯୁବକଙ୍କ ପାଇଁ ପଡିଲା ମହଙ୍ଗା । ଯୁବତୀଙ୍କ ଅଭିଯୋଗ ଆଧାରରେ ବନ୍ଧାହେଲେ ଯୁବକ । ଏମିତି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ଅଞ୍ଚଳରେ ।



ଯୁବତୀଙ୍କ ଅଭିଯୋଗ ଆଧାରରେ ବରଗାଁ ଗ୍ରାମର ଅନୀଲ ଦାସ ନାମକ ଯୁବକକୁ ଗିରଫ କରିଛି ପୋଲିସ । ସୂଚନା ଅନୁସାରେ ଅନୀଲ ଜଣେ ଛଦ୍ମନାମୀ ଯୁବତୀକୁ ପ୍ରଥମେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କୀୟ ରଖିଥିଲେ । ପାଞ୍ଚବର୍ଷ ଧରି ଉଭୟଙ୍କ ମଧ୍ୟରେ ସମ୍ପର୍କ ରହିବା ପରେ ବିଭିନ୍ନ ପ୍ରକାର ଆଳଦେଖାଇ ଯୁବତୀକୁ ପ୍ରତାରଣା ଦେବା ସହ ଅନ୍ୟତ୍ର ବିବାହ ପାଇଁ ଅନୀଲ ଯୋଜନା କରିଥିବା ବେଳେ ଖବରପାଇ ଯୁବତୀ ନ୍ୟାୟ ଦାବିରେ କୋଟିନଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକୁ ଆଧାରକରି ଥାନା କେସ ନଂ ୧୧୪/୨୫ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଅନୀଲକୁ ଗିରଫ କରିଛି । ଗୁରୁବାର ଅଭିଯୁକ୍ତକୁ ମେଡ଼ିକାଲରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଅପରାହ୍ନରେ ଆସିକା କୋର୍ଟରେ ହଜାର କରାଯାଇଥିବା ସୂଚନା ମିଳିଛି ।

## ବେକରେ ଚୁନି ବାନ୍ଧି ଆତ୍ମହତ୍ୟା

କାଶୀନଗର(ନିପ୍ର): କାଶୀନଗର ଏନଏସି ମଧ୍ୟରେ ଥିବା ଭେଙ୍କଟେଶ୍ୱର ମନ୍ଦିର ପାର୍ଶ୍ୱ ସାହିରେ ପୁରୁଟିଗୁଡା ଗ୍ରାମରୁ ଆସି ଝିଅ ପାଠ ପଢିବା ପାଇଁ ଏକ ଭଡାଘରେ ଶ୍ରୀନିବାସ ରହି ଆସୁଥିଲେ । ଶ୍ରୀନିବାସଙ୍କ ସ୍ତ୍ରୀ ଜଣେ ଅଙ୍ଗନବାଡି କର୍ମୀ । ସେ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରି କବାଟ ଖୋଲିବାକୁ କହିଥିଲେ । କିନ୍ତୁ କବାଟ ନ ଖୋଲିବାରୁ ସହିଲୋକ କବାଟ ଭାଙ୍ଗି ଭିତରେ ଦେଖିଲା ବେଳେ ଏକ ସିଲିଂ ଫ୍ୟାନରେ ଧଳାଚୁନି ବେକରେ ବାନ୍ଧି ତାଙ୍କ ଝିଅ ପାଡାଲା ଲୋଚନା ଆତ୍ମହତ୍ୟା କରିଥିଲେ । ସାହି ଲୋକ ସଙ୍ଗେ ସଙ୍ଗେ ସ୍ଥାନୀୟ ମେଡିକାଲକୁ ନେଇଥିଲେ । କିନ୍ତୁ ସେତେବେଳେ ତାର ମୃତ୍ୟୁ ହୋଇଯାଇଥିଲା । ସ୍ଥାନୀୟ ଥାନା ଅଧିକାରୀ ସୁନୀଲ କୁମାର ବେହେରା ୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି ।

## ରାଜଧାନୀରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର(ନିପ୍ର): ଗତକାଲି ରାତିରେ ରାଜଧାନୀରେ ସିରିଜ୍ ଦୁର୍ଘଟଣା ଘଟିଛି । କୁକୁଡ଼ା ଚିଆଁ ବୋଝେଇ ଗାଡ଼ିକୁ ପିଟିଲା ଆଉ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ଦୁର୍ଘଟଣାର ଖବରପାଇ ଘଟଣାସ୍ଥଳକୁ ଆସିଥିବା ପିସିଆର ଭ୍ୟାନକୁ ଆଉ ଏକ ହାଇୱା ଧକ୍କା ଦେଇଥିଲା । ଫଳରେ ଏକାଧିକ ପୋଲିସ କର୍ମଚାରୀ ଆହତ ହୋଇଥିଲେ । ସୂଚନା ଅନୁସାରେ, ଗତରାତି ପ୍ରାୟ ୧୨ ବେଳେ ବରମୁଣ୍ଡା-ଖଣ୍ଡଗିରି ଓଭରବ୍ରିଜ ଉପରେ ଏକ ବଲେରୋ ଗାଡ଼ିର ପଛ ଚକା ଲିକ୍ ହୋଇଯାଇଥିଲା । ଫଳରେ ଡ୍ରାଇଭର ଜଣକ ବଲେରୋକୁ ରାସ୍ତା କଡରେ ରଖି ଷ୍ଟେପିନ୍ ଲଗାଉଥିଲେ । ଏହି ସମୟରେ ଏକ ହାଇୱା ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ବଲେରୋ ଚାଳକଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ହାଇୱାଟି ଫେରାର ହୋଇଯାଇଛି । ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରୁଥିଲା । ଏହି ସମୟରେ ପଛରୁ ଆଉ ଏକ ହାଇୱା ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ପିସିଆର ଭ୍ୟାନଟି ଦୂରକୁ ଛିଟିକି ଯାଇଥିଲା । ଏହି ଦୁର୍ଘଟଣାରେ ପିସିଆର ଚାଳକଙ୍କ ଗୋଡ଼ ଭାଙ୍ଗିଯିବା ସହ ଅଂଟାରେ ଗଭୀର ଆଘାତ ଲାଗିଛି । ଏହାସହ ଶରୀରରେ ଗଭୀର ଆଘାତ ମଧ୍ୟ ଲାଗିଛି । ସେହିଭଳି ଦୁର୍ଘଟଣା ବେଳେ ଜଣେ ହୋମଗାର୍ଡଙ୍କ ଗୋଡ଼, ମୁଣ୍ଡ ଆଉ ଛାତିରେ ଗଭୀର ଆଘାତ ଲାଗିଛି । ପ୍ରଥମେ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

## ଚେନ୍ ଲୁଟେରାଙ୍କୁ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଶ୍ରୀମତୀ ଇତିଶ୍ରୀ ମହାପାତ୍ର ୨୦୨୩ ମସିହା ଜୁଲାଇ ମାସରେ ଭରତପୁର ଥାନା ଅଂଚଳରେ ଘଟିଯାଇଥିବା ଏକ ସୁନାଚେନ ଲୁଟ ମାମଲାର ବିଚାର କରି ଆସାମୀ ଆୟୁଷ ମୋହନ ତ୍ରିପାଠୀ ଓ ଶିବ ପ୍ରସାଦ ବାରିକଙ୍କୁ ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଗତ ତା.୩୦.୦୬.୨୦୨୩ ରିଖରେ ଅଭିଯୋଗକାରୀ ଦେବେନ୍ଦ୍ର କୁମାର ଦାସ ଓ ତାଙ୍କ ସ୍ତ୍ରୀ କେ-୭ ବିଡିଏ ସ୍ଥିତ ଘାଟିକିଆ ମଣ୍ଡପ ରେ ହେଉଥିବା ଏକ ବିବାହ ଭୋଜି ରୁ ଫେରୁଥିବା ସମୟରେ କେ-୭ ବିପୁଲ ଗାର୍ଡନ୍ ନିକଟରେ ଅଭିଯୁକ୍ତ ଆୟୁଷ ମୋହନ ତ୍ରିପାଠୀ ଓ ଶିବ ପ୍ରସାଦ ବାରିକ ଏକ ମୋଟରସାଇକେଲ ରେ ଦ୍ରୁତ ବେଗରେ ଆସିଥିଲେ ଓ ତାଙ୍କ ସ୍ତ୍ରୀ ଙ୍କ ବେକରୁ ଏକ ସୁନା ଚେନ ଛିନତାଇ କରି ନେଇ ନାକାଗେଟ ପାର୍ଶ୍ୱକୁ ଚାଲି ଯାଇଥିଲେ । ଏନେଇ ଅଭିଯୋଗକାରୀ ଭରତପୁର ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକାରୀଙ୍କର ଅଭିଯୋଗକୁ ଭିତ୍ତିକରି ଭରତପୁର ଥାନା କେସ ନଂ.-୨୮୯/୨୦୨୩, ଦଫା- ୩୯୨/୩୪ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ମାମଲାର ତଦନ୍ତ ଦାୟିତ୍ୱ ଏସଆଇ ଶ୍ରୀ ଗଙ୍ଗାଧର ରାଉଳଙ୍କୁ ହସ୍ତାନ୍ତର କରାଯାଇଥିଲା । ତଦନ୍ତକାରୀ ଅଫିସର ଶ୍ରୀ ରାଉଳ ଏହି ମାମଲାକୁ ସଠିକ ଭାବେ ତଦନ୍ତ କରିବା ସହିତ ଆସାମୀ ମାନଙ୍କୁ ଖୁବଶୀଘ୍ର ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ନିର୍ଦ୍ଧାରିତ ସମୟ ପୂର୍ବରୁ ଅଦାଲତରେ ଚାର୍ଜ ସିଟ୍ ଦାଖଲ କରିଥିଲେ ।

## ବନ୍ଧ ତଳକୁ ଓଲଟିଲା ପିକ୍ଅପ୍ ଭ୍ୟାନ: ୫ ଗୁରୁତର



କାକଟପୁର(ନିପ୍ର): ପାରାଦୀପରୁ ମାଛଧରା ଜାଲ ବୋଝେଇ କରି ଅସ୍ତରଙ୍ଗ ଥାନା ବାଲିଡିଆ ଗ୍ରାମକୁ ଆସୁଥିବା ଗୋଟିଏ ପିକ୍ଅପ ଭ୍ୟାନ ଗାଡ଼ି ଏହି ଥାନା ଅନ୍ତର୍ଗତ ଅସନ ଦେବୀ ନଦୀ ବନ୍ଧରେ ଭାରସାମ୍ୟ ହରାଇ ବନ୍ଧ ତଳକୁ ଓଲଟ ପଡ଼ିଛି । ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଘଟିଥିବା ଏହି ଦୁର୍ଘଟଣାରେ ଗାଡ଼ି ଚାଳକ ସମେତ ବାଲିଡିଆ ଗ୍ରାମର ୫ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ବାଲିଡିଆ ଗ୍ରାମର ଲକ୍ଷ୍ମଣ ବେହେରା(୫୫), ଅଭୟ ବେହେରା(୪୦), କାଳନ୍ଦୀ ବେହେରା(୬୩), ଦୀପକ ବେହେରା (୩୦) ଓ ଗଦା ବେହେରା(୪୩) । ସେମାନଙ୍କୁ ଗୁରୁତର ଅବସ୍ଥାରେ ଅସନ ଗ୍ରାମବାସୀ ଉଦ୍ଧାର କରି ସ୍ଥାନୀୟ ଗାଡ଼ି ସହାୟତାରେ ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି ।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଟାଙ୍ଗୀ-ଚୌଦ୍ୱାର(ନିପ୍ର): ଟାଙ୍ଗୀ ଥାନା ଅନ୍ତର୍ଗତମଙ୍ଗୁଳିଛକରେ ଥିବାହନୁମାନ ପେଟ୍ରୋଲ ପମ୍ପ ସମ୍ମୁଖରେ ବୁଧବାର ମଧ୍ୟରାତିରେ ଜଣେ ବାଇକ୍ ଆରୋହୀଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ଦୁର୍ଘଟଣା ସମ୍ପର୍କରେ ଟାଙ୍ଗୀ ପୁଲିସ୍ ଓ ଜାତୀୟ ରାଜପଥ ଆମ୍ବୁଲାନ୍ସକୁ ଖବର ଦେବା ପରେ ଟାଙ୍ଗୀ ପୁଲିସ୍ ଘଟଣା ସ୍ଥଳରେ ପହଂଚି ଗୁରୁତର ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇ ଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ମୃତ ଶରୀରକୁ ଶବ ବ୍ୟବେଚ୍ଛଦ ନିମନ୍ତେ ପଠାଇବା ସହ ତଦନ୍ତ ଜାରି ରଖିଥିବାବେଳେ ମୃତକଙ୍କ ପରିଚୟ ମିଳିପାରି ନାହିଁ ।

## ଜଟିଆଗୁଡା ଗ୍ରାମରେ ଜଳ ସଙ୍କଟ

### ମା' କାଳୀଙ୍କ ମନ୍ଦିର ନିକଟରେ ନଳକୂପ ନିର୍ମାଣ ପାଇଁ କାଳି ଭକ୍ତଙ୍କ ଦାବି

ନବରଙ୍ଗପୁର(ନିପ୍ର): କୋଷାଗୁମଡା ବ୍ଲକ ତାରାଗାଁ ପଞ୍ଚାୟତ ଅଧୀନ ଜଟିଆଗୁଡା ଗ୍ରାମରେ ଜଳ ସଙ୍କଟ ଦେଖାଦେଇଛି । ଗ୍ରାମରେ ଏକ କାଳୀ ମନ୍ଦିର ଅଛି ଏବଂ ଏହି ମନ୍ଦିରରେ ପ୍ରତି ଶନିବାର ଏବଂ ମଙ୍ଗଳବାର ଆଖପାଖ ଅଞ୍ଚଳ ଶତାଧିକ କାଳୀ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସନ୍ତି । ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଯାଇଛି ଏବଂ ଏହି ସ୍ଥାନରେ



ପାନୀୟ ଜଳ ସଙ୍କଟ ଦେଖାଦେଲଣି । ମନ୍ଦିର ପରିସରରୁ ପ୍ରାୟ ୨ କିଲୋମିଟର ଭିତରେ କୌଣସି ମଧ ନଳକୂଅ ନାହିଁ । ମନ୍ଦିରକୁ ଆସିଥିବା ଭକ୍ତ ଏବଂ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ମା' କାଳୀଙ୍କ ମନ୍ଦିର ନିକଟରେ ନଳକୂପ ନିର୍ମାଣ ପାଇଁ ଗ୍ରାମବାସୀମାନେ ଏବଂ ସରପଞ୍ଚ ପ୍ରହ୍ଲାଦ ଭତ୍ରା, ନାଏବ ସରପଞ୍ଚ କୁଲୁ ନାୟକ, ୱାର୍ଡ ମେମ୍ବର ଲେମ୍ବୁଧର, ମକରନ୍ଦ, ପିତାମ୍ବର, ଈଶ୍ୱର ପୂଜାରୀ, ଲଛିମ ନାୟକ, ମହାଦେବ ଭତ୍ରା, ମୁକୁନ୍ଦ ଭତ୍ରା, ବୁଟିଆ ପୂଜାରୀ, କୃଷ୍ଣ ହରିଜନ, ଦୁରଜ ମାଝୀ, ଦଶମୁ ପୂଜାରୀ ଏବଂ କାଳୀ ଭକ୍ତମାନେ ଦାବି କରୁଛନ୍ତି । ସ୍ଥାନୀୟ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ରାମେଶ୍ୱର ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଭାଲୁ ମୁଣ୍ଡିଆ ଜଙ୍ଗଲ ମଧ୍ୟରେ ଜଣେ ଯୁବକର ଝୁଲନ୍ତା ଶବକୁ ଗୁରୁବାର ଅପରାହ୍ନରେ ନିରାକାରପୁର ପୋଲିସ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡିଛି । ସୂଚନାଯୋଗ୍ୟ କି ପୁରୀ ଜିଲ୍ଲା ଚନ୍ଦନପୁର ଆଳିସନ ଗ୍ରାମର ଭିକାରୀ ପ୍ରଧାନଙ୍କ ପୁତ୍ର ବାଦଲ ପ୍ରଧାନ (୨୧) ଗତ ତିନିଦିନ ତଳେ ଘରୁ ଆସିଥିବାବେଳେ ଆଉ ଘରକୁ ଫେରି ନଥିଲେ । ଏ ନେଇ ପରିବାର ଲୋକେ ଚନ୍ଦନପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । କିଛି ଲୋକ ଗୋଟିଏ ଯୁବକର ମୃତଦେହ ରାମେଶ୍ୱର ଜଙ୍ଗଲ ଭାଲୁ ମୁଣ୍ଡିଆ ନିକଟରେ ଏକ ଗଛରେ ଝୁଲୁ ଥିବା ଦେଖି ନିରାକାରପୁରକୁ ଖବର ଦେଇଥିଲେ । ପରେ ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଚିହ୍ନଟ କରିବା ପରେ ପୋଲିସକୁ ଏକ ଲିଖିତ ଅଭିଯୋଗ କରିଥିଲେ । ପରେ ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଆସି ଅନୁସନ୍ଧାନ କରିବା ସହିତ ଶବକୁ ଉଦ୍ଧାର କରାଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ଗୁରୁବାର ସଂଧ୍ୟା ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ଶୁକ୍ରବାର ଖୋର୍ଦ୍ଧା ପଠାଇ ଦିଆଯାଇଛି ବୋଲି ଜଣାପଡିଛି । ଘଟଣାସ୍ଥଳରୁ ଏକ ବାଇକ ନଂ (ଓଡି୧୩ୟୁ ୮୧୯୪), ଏକ ମୋବାଇଲ ଓ ଏକ ବ୍ୟାଗକୁ ପୋଲିସ ଜବତ କରିଛି । ତଦନ୍ତ ପରେ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଆଇଆଇସି ବିଶ୍ୱଜିତ୍ ରାଉତରାୟ ମତବ୍ୟକ୍ତ କରିଛନ୍ତି ।

## ୫୦ ହଜାର ୫୦୦ ଟଙ୍କିଆ ଜାଲ୍ ନୋଟ୍ ଜବତ

ଭୁବନେଶ୍ୱର(ନିପ୍ର): ଓଡ଼ିଶାରେ ଜାଲ ନୋଟ କାରବାର କରିବାକୁ ଉଦ୍ୟମ କରୁଥିବା ଏକ ରାକେଟକୁ ଏସଟିଏଫ ଠାବ କରିଛି । ଏହି ଘଟଣାରେ ଏସଟିଏଫ ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଟିଟିଲାଗଡର ମହମ୍ମଦ ସବିର ଓ ନେତ୍ର ରାଉତ । ଏସଟିଏଫ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଟିଟିଲାଗଡ ଓ ଆଖପାଖରେ ଜାଲନୋଟ କାରବାର ହେଉଥିବା ଏସଟିଏଫକୁ ସୂଚନା ମିଳିଥିଲା । ଏହି ଘଟଣା ଉପରେ ଏସଟିଏଫ ନଜର ରଖିଥିଲା । ଗତକାଲି ଟିଟିଲାଗଡ-ବଲାଙ୍ଗୀର ରାସ୍ତା କଡରେ କିଛି ବ୍ୟକ୍ତି ଜାଲ ନୋଟ କାରବାର କରୁଥିବା ସୂଚନା ପାଇ ଏସଟିଏଫ ଚଢାଉ କରିଥିଲା । ଚଢାଉ ବେଳେ ୨ଜଣଙ୍କୁ କାବୁ କରିଥିଲା । ସେମାନଙ୍କ ଠାରୁ ୫୦ ହଜାର ୫୦୦ ଟଙ୍କିଆ ନୋଟ ଜବତ କରାଯାଇଛି । ଏହି ଅଭିଯୁକ୍ତ ମାନେ ହାଇ କ୍ୱାଲିଟି ଜାଲ ନୋଟ୍ ଛାପୁଥିଲେ । ତେଣୁ କେଉଁଠୁ ଜାଲ ନୋଟ୍ ଛାପିବା ପାଇଁ ମେଟେରିଆଲ ଆଣୁଥିଲେ, କାହାକୁ ଜାଲ ନୋଟ୍ ଦେଉଥିଲେ, ଏସବୁ ଦିଗରେ ଏସଟିଏଫ ତଦନ୍ତ ଜାରି ରଖିଛି । ଏହି ଜାଲ ନୋଟ୍ ରାକେଟର ଆନ୍ତଃରାଜ୍ୟ ଲିଙ୍କ୍ ନେଇ ଅଧିକ ଖୋଳତାଡ଼ ଚାଲିଛି ।

## ତପି ମିଶ୍ରଙ୍କ ପାଇଁ ଅଙ୍କୁଶ ଲଗାଇଲେ ହାଇକୋର୍ଟ

### ଶିବ ତାଣ୍ଡବ ଲେଖାକୁ କରିପାରିବେନି ବ୍ୟବହାର

କଟକ(ନିପ୍ର): ତପି ମିଶ୍ରଙ୍କ ପାଇଁ ଲାଗୁ ହେଲା ଅନ୍ତରୀଣ ଅଙ୍କୁଶ । ବନସ୍ମିତା ପତିଙ୍କ ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି । ଶିବ ତାଣ୍ଡବ ଲେଖାକୁ ତପି ମିଶ୍ର ବ୍ୟବହାର କରିପାରିବେ ନାହିଁ । ହାଇକୋର୍ଟଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୩ ମସିହା ଅକ୍ଟୋବରରେ ଲେଖିକା ବନସ୍ମିତା ପତିଙ୍କ ଅଗ୍ନିପରୀକ୍ଷା ପୁସ୍ତକରେ ସଂସ୍କୃତ ଭାଷାରେ ଥିବା ଶିବ ତାଣ୍ଡବର ଓଡ଼ିଆ ଅନୁବାଦ ପ୍ରକାଶିତ ହୋଇଥିଲା । କିନ୍ତୁ ଲେଖିକାଙ୍କ ଠାରୁ ନୋ ଅବଜେକସନ ସାର୍ଟିଫିକେଟ (ଏନଓସି) ନନେଇ ତପି ମିଶ୍ର ସାମାଜିକ ଗଣମାଧ୍ୟମରେ ନିଜ ନାଁରେ ରିଲିଜ କରିଥିଲେ । ଯାହାକୁ ତୀବ୍ର ନିନ୍ଦା କରିବା ସହ ଲେଖିକା ଜଣକ ୫୦ଲକ୍ଷ ଟଙ୍କାର କ୍ଷତି ପୂରଣ ଦାବି କରିଥିଲେ । ଗତ ୨୭ ତାରିଖରେ ଲେଖିକା ବନସ୍ମିତା ଇନଫୋସିଟି ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ମାମଲା ରୁଜୁ କରି ତପିଙ୍କ ବିରୋଧରେ କପିରାଇଟ ଆଇନ-୧୯୫୭ ସେକ୍ସନ ୬୩ ଲଗାଇଥିଲା । ବନସ୍ମିତା ଥାନାକୁ ଯିବା ଶୁଣି ତପି ଆହୁରି ରାଗି ଯାଇଥିଲେ । ନିଜ ଫେସବୁକ ଆକାଉଣ୍ଟରୁ ଲାଇଭରେ ଆସି ମନକୁ ଯାହା ଆସିଲା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏପରିକି ତାଙ୍କୁ ମାଡ଼ ମାରିବାକୁ ମଧ ଧମକ ଦେଇଥିଲେ । ଏହାପରେ ବନସ୍ମିତା ଥାନାରେ ଆଉଏକ ଅଭିଯୋଗ କରିଥିଲେ ।

## ବାଣ ପ୍ରସ୍ତୁତି ଅଘଟଣ: ୪ ଜଣ ଆହତ ଘରକୁ ଫେରିଲେ

ନିରାକାରପୁର(ନିପ୍ର): ବୁଧବାର ସନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲା ଡ଼ିଆ ପଞ୍ଚାୟତ ଭଙ୍ଗସାହିରେ ବାଣ ଫୁଟି ପ୍ରସ୍ତୁତ କରୁଥିବା ୪ ବାଣୁଆ ଆହତ ଓ ଜଣେ ଗୁରୁତର ହୋଇଥିଲେ । ବହୁ ପୂର୍ବରୁ ଚାଲି ଆସିଥିବା ପ୍ରଥା ଅନୁଯାୟୀ ବାହୁଡ଼ା ଯାତ୍ରା ଦିନ କପିଳେଶ୍ୱର ଭେଟ ବାଲିରେ ଆତସବାଜି ପ୍ରଦର୍ଶନ କରାଯାଉଥିବାବେଳେ ବୁଧବାର ସନ୍ଧ୍ୟାରେ ଡିଆ ପଞ୍ଚାୟତ ଭଙ୍ଗ ସାହିରେ ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡିଶଗଦା ଥାନା ଅନ୍ତର୍ଗତ ଦିବ୍ୟସିଂହପୁର ପଂଚାୟତ ଗୋଡିପଦର (କଳାମାଟି)ଗ୍ରାମର ଅର୍ଜୁନ ପ୍ରଧାନ (୫୦), ବାଲୁଙ୍କେଶ୍ୱର ମାଝୀ ( ୩୦), ଅଭିମନ୍ୟୁ ସ୍ୱାଇଁ ( ୪୮), ପ୍ରତାପ କୁମାର ବାରିକ (୨୭)ଙ୍କ ସମେତ ୫ ଜଣ ଚମ୍ପା ବାଣ ବାଡେଇ ପ୍ରସ୍ତୁତ କରୁଥିଲେ । କୌଣସି କାରଣରୁ ଫାଟି ଯିବାରୁ ଏମାନଙ୍କର ଆଣ୍ଠୁ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଏମାନଙ୍କ ମଧ୍ୟରୁ ୩ ଆହତ ଓ ଜଣେ ଗୁରୁତର ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ଆଉ ଜଣେ ସାମାନ୍ୟ ଆହତ ବ୍ୟକ୍ତିଙ୍କୁ ପୋଲିସ ଆଣି ଥାନାରେ ଅଟକ ରଖିଥିଲା । ଗୁରୁବାର ଚିକିତ୍ସିତ ହେଉଥିବା ୩ ଜଣ ଆହତ ଘରକୁ ଫେରିଥିବା ବେଳେ ଅଟକ ସାମାନ୍ୟ ଆହତ ଜଣଙ୍କୁ ପୋଲିସ ମଧ ଘରକୁ ଛାଡିଥିବା ଖବରରୁ ଜଣାପଡିଛି ।

## କାର୍ ସହ ବାଇକ୍ ଧକ୍କା: ୪ ଆହତ

ହିଞ୍ଜିଳିକାଟୁ(ନିପ୍ର): ୫୯ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ କାର୍ (ଓଡି୦୨ବିଡି-୦୦୪୦) ସହ ଏକ ମୋଟର ସାଇକେଲ (ଓଆର୦୭ଜେଡ୍-୬୯୩୮)ର ଧକ୍କା ଘଟିଛି । ଦୁର୍ଘଟଣାରେ ୪ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ କାର୍ ଚାଳକ ହିଞ୍ଜିଳି ଥାନା ଶ୍ରଦ୍ଧାପୁର ଗ୍ରାମର ପି.ଗଣେଶ(୩୩), ବାଇକ୍ ଚାଳକ ପାଟପୁର ଥାନା କଉଡିଆ ଗ୍ରାମର ରାଜେଶ ଦଳାଇ (୨୭), ସାଥି ରୁଦ୍ର ପ୍ରଧାନ (୨୬) ଓ ଦୀପକ ପରିଡା (୨୪) । ଖବରପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ରାଜେଶ ଓ ଦୀପକଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇନଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ବ୍ରହ୍ମପୁରଠାରୁ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ଏକ କାର୍ ସହ ବିପରୀତ ଦିଗରେ ଯାଉଥିବା ମୋଟର ସାଇକେଲ ସହ ଧକ୍କା ଘଟିଥିଲା । ଦୁର୍ଘଟଣାରେ କାର୍ ଚାଳକଙ୍କ ସମେତ ବାଇକରେ ଯାଉଥିବା ୩ ଜଣ ଆହତ ହୋଇଥିଲେ ।

## ମହାନଦୀରେ ମାଛ ଯାଆଁଳ ଛଡ଼ାଗଲା




ଖଣ୍ଡପଡା(ନିପ୍ର): ଖଣ୍ଡପଡା ବ୍ଲକ ଅଧିନ ବଡବାଣପୁର ପଂଚାୟତ ମହାଦେବ ସାହି ନିକଟବର୍ତ୍ତୀ ମହାନଦୀ କୂଳରେ ମତ୍ସ୍ୟ ସଂପଦ ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ ମାଛ ଯାଆଁଳ ଛାଡିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ସ୍ଥାନୀୟ ଅଂଚଳର ଚାଷୀଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷା ଦିଗରେ ସରକାର ଏହି ପ୍ରକଳ୍ପ ଆରମ୍ଭ କରିଥିବା ନେଇ ମତ ପ୍ରକାଶ ପାଇଥିଲା । ସେହିପରି ମହାନଦୀରେ ଉନ୍ନତମାନର ମାଛ ଯାଆଁଳ ଛଡାଯାଇଥିଲା । ବିଶେଷ କରି ମଧୁର ଜଳ ମାଛ ଚାଷର ଚାହିଦା ଥିବା ବେଳେ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରୁଥିବା ସୂଚନା ମିଳିଛି । ନୟାଗଡ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଉଜଳ ମହାରଣା, ସୁମିତ୍ର ଭୂୟାଂ, ବାଣପୁର ସରପଞ୍ଚ ପ୍ରତିମା ପ୍ରଧାନ ଓ ବେଣାଗାଡିଆ ସରପଞ୍ଚ ବଳରାମ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଖଣ୍ଡପଡା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବାଶିଷ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ସହକାରୀ ମତ୍ସ୍ୟ ଅଧିକାରୀ ସ୍ନେହାଂଶୁ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏ ପରିପ୍ରେକ୍ଷୀରେ ମହାନଦୀରେ ପ୍ରାୟ ୭ ଲକ୍ଷ ୫୦ ହଜାର ଯାଆଁଳ ଛଡା ଯାଇଥିବା ଜଣାପଡିଛି ।

## ଖଣ୍ଡପଡା ଅଞ୍ଚଳରେ ହାତୀ ଆତଙ୍କ

ଖଣ୍ଡପଡା(ନିପ୍ର): ଖଣ୍ଡପଡା ବନାଞ୍ଚଳ ଅଧିନସ୍ଥ ସାପୁଆ ସଂରକ୍ଷିତ ଜଙ୍ଗଲରେ ୩ଟି ହାତୀ ଚଳପ୍ରଚଳ ହେଉଥିବା ନେଇ ଜଣାପଡିବା ପରେ ସିଂଘାପଡା, ଗଡିଆସାହି, କିଆଝର, କୋସକା ପ୍ରଭୃତି ପଂଚାୟତବାସୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏ ସଂପର୍କରେ ଖଣ୍ଡପଡା ବନ ବିଭାଗ କର୍ମଚାରୀମାନେ ସୂଚନା ପାଇବା ପରେ ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସନାତନ ସ୍ୱାଇଁ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ହାତୀମାନଙ୍କ ଗତବିଧି ଉପରେ ପୁରା ନଜର ରଖିଥିବା ଜଣାପଡିଛି । ବୁଧବାର ରାତିରୁ ଦଶପଲ୍ଲା ଜଙ୍ଗଲ, ସାପୁଆ ସଂରକ୍ଷିତ ଜଙ୍ଗଲରେ ହାତୀ ଚଳପ୍ରଚଳ ହେଉଥିବାରୁ ସ୍ଥାନୀୟ ଅଂଚଳବାସୀ ସଚେତନ ହୋଇ ଏ ଦିଗରେ ପୁରା ସଜାଗ ରହିବାକୁ ଖଣ୍ଡପଡା ବନାଚଂଳ ଅଧିକାରୀ ପରାମର୍ଶ ଦେଇଛନ୍ତି ।

## ଲୋକକଳା ପାଇଁ ଦିନଟିଏ

କୃଷ୍ଣପ୍ରସାଦ(ନିପ୍ର): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିରିଜିପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଲୋକକଳା ପାଇଁ ଦିନ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ କଳାକାର ସହିତ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା ଏବଂ କଳା ଗ୍ରାମ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିରିଜିପୁର ପଞ୍ଚାୟତ ସରପଞ୍ଚ ଇଂ ମଳୟ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବିଡ଼ିଓ ଅମିୟ କୁମାର ପଣ୍ଡା ଅଧକ୍ଷତା କରିଥିଲେ । ବୈଠକରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଏହି ପକ୍ଷର ଆଭିମୁଖ୍ୟ ବିଷୟରେ ଏବଂ ୧୪ ଦିନର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଅନୁଷ୍ଠିତ ସଭାରେ ଲୋକକଳାର ବିକାଶ ଓ ତାର ପ୍ରଚାର, ପ୍ରସାର କରାଗଲେ ଆମ ମହିମାମୟ ପ୍ରାଚୀନ ସଂସ୍କୃତି ସୁରକ୍ଷିତ ରହିବ ବୋଲି ଅତିଥି ଗଣ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ କଳାକାର ସଂଘର ସମ୍ପାଦକ ଅଶୋକ କୁମାର ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସରପଞ୍ଚ ଇଂ ଶ୍ରୀ ଜେନା ସମସ୍ତ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ ।



# ପୁଣିଥରେ ଅଧିନାୟକ ହେଲେ ଧୋନି




ନୂଆଦିଲ୍ଲୀ: ମହେନ୍ଦ୍ର ସିଂହ ଧୋନି ପୁଣିଥରେ ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ହୋଇଛନ୍ତି। ୨୦୨୫ ଆଇପିଏଲ ମଧ୍ୟରେ ଧୋନି ହଠାତ୍ ପୁଣି ଥରେ ଚେନ୍ନାଇର ଅଧିନାୟକ ପଦ ପାଇବା ମାହିଙ୍କ ଫ୍ୟାନ୍ସଙ୍କ ଅତ୍ୟନ୍ତ ଖୁସିର ଖବର। ଚେନ୍ନାଇକୁ ପାଞ୍ଚଥର ଆଇପିଏଲର ଟାଇଟଲ ଜିତାଇଥିବା ଏମଏସ ଧୋନି ଅନେକ ଦିନ ପରେ ଦଳର ଅଧିନାୟକ ଭାବରେ ଫେରି ଆସୁଛନ୍ତି। ଏହାର ମୁଖ୍ୟକାରଣ ହେଉଛନ୍ତି ଅଧିନାୟକ ଋତୁରାଜ ଗାୟକୱାଡଙ୍କ ଆଘାତ। ଋତୁରାଜ ଏବେ ସମ୍ପୂର୍ଣ୍ଣ ସିଜିନରୁ ବାହାରେ ଅଛନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ଟୁର୍ଣ୍ଣାମେଣ୍ଟ ମଝିରେ ଧୋନିଙ୍କ ଅବସର ନେଇ ଚାଲିଥିବାର ଯେଉଁ କଳ୍ପନାଜଳ୍ପନା ଏବଂ ଗୁଜବର ଆରମ୍ଭ ହୋଇଥିଲା ତାହାର ଅନ୍ତ ଘଟିଛି। ସୂଚନା ଅନୁଯାୟୀ, ଋତୁରାଜ ଗାୟକୱାଡଙ୍କ କହୁଣୀ ଆଘାତ ଯୋଗୁଁ ଅଧିନାୟକତ୍ୱରେ ପରିବର୍ତ୍ତନ ହୋଇଛି। କହୁଣୀରେ ଆଘାତ ସତ୍ତ୍ୱେ ଋତୁରାଜ ୨ଟି ମ୍ୟାଚ୍ ଖେଳିଥିଲେ କିନ୍ତୁ ଏବେ ତାଙ୍କ କହୁଣୀରେ ଏକ ଫ୍ୟାକଚର ଥିବା ଚିହ୍ନଟ ହୋଇଛି। ଯାହା ଯୋଗୁଁ ସେ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯାଇଛନ୍ତି।

## ଆଜି କୃଷ୍ଣପ୍ରସାଦରେ ବଣ୍ଟାହେବ ଆୟୁଷ୍ମାନ କାର୍ଡ

**କୃଷ୍ଣପ୍ରସାଦ,୧୦/୪(ନିପ୍ର):** ଆଜି କୃଷ୍ଣପ୍ରସାଦ ବ୍ଲକରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ କରାଯିବ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବ୍ଲକ ଅଧିନ ତିତିପ, କନ୍ଦାଖାଇ, ସାତପଡ଼ା, ପଣସପଦା ଆଦି ୪ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜନ କରାଯିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି କରାଯାଇଛି । ମିଟିଂ ସ୍ଥଳରେ ପ୍ରଚୁର ପରିମାଣର ପାନୀୟ ଜଳ ଓଆରଏସ ରଖିବାକୁ କୁହାଯାଇଛି । ପ୍ରଥମ ଦିବସରେ ୧୦ ଜଣ ହିତାଧିକାରୀଙ୍କୁ କାର୍ଡ ଦେବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡିଛି । ପରେ ପର୍ଯ୍ୟାୟ କ୍ରମେ ସମସ୍ତ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯିବ ବୋଲି ଜଣାପଡିଛି । କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ, ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ,ତିତିପ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡ଼ ଗଗନ ବିଶ୍ୱାଳ ସମେତ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ପ୍ରକାଶ ପାଇଛି ।

## ଭରତପୁର କୋଇଲାଖଣି: ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ନେଇ ଦାବି



**ତାଳଚେର,୧୦/୪(ନିପ୍ର):** ବଡ଼ଯୋରୋଡା ଗ୍ରାମବାସୀଙ୍କ ନିଯୁକ୍ତି ନେଇ ଭରତପୁର ଖଣି ବନ୍ଦ୍ ଆନ୍ଦୋଳନ ଗତ ୪ ତାରିଖରୁ ଚାଲିଥିବାରୁ ଗତ ୬ ଦିନ ହେବ ଭରତପୁର ଖଣି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଖଣିର ଉତ୍ପାଦନ ଓ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଖଣିର କର୍ମଚାରୀମାନେ ବିଭିନ୍ନ ସିଫ୍ଟରେ କର୍ଯ୍ୟକରିବାକୁ ଗଲାବେଳେ ତାଙ୍କୁ ସେଠାରୁ ଆନ୍ଦୋଳନକାରୀମାନେ ଫେରାଇ ଦେଉଛନ୍ତି। ତେଣୁ ଆଗାମୀ ଦିନରେ ଖଣି କର୍ତ୍ତୃପକ୍ଷ କାମ ନାହିଁ ତୋ ଦରମା ନାହିଁ ନିଷ୍ପତ୍ତି ନେବା ସମ୍ଭାବନା ଥିବାସହ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ ଖଣି କର୍ତ୍ତୃପକ୍ଷ ଚିନ୍ତା କରୁଥିବାବେଳେ ଏହାକୁ ବିରୋଧ କରି ଗୁରୁବାର ଚାରୋଟି ପ୍ରମୁଖ ଶ୍ରମିକ ସଂଘ ଏଚଏମଏସ, ବିଏମ୍ଏସ, ଆଇଏନଟିୟୁସି ଓ ଏଆଇଟିୟୁସିର ହଜାରରୁ ଊର୍ଦ୍ଧ୍ୱ ସଭ୍ୟମାନେ ତାଳଚେର ଉପ ଜିଲ୍ଲାପାଳଙ୍କୁ ଭରତପୁର କୋଇଲାଖଣି ସ୍ୱାଭାବିକ ଭାବେ ଚାଲିବାକୁ ଏକ ଦାବି ମାଧ୍ୟମରେ ଜଣାଇଛନ୍ତି। ସୂଚନାଯୋଗ୍ୟ ବଡ଼ଯୋରୋଡା ଗ୍ରାମର କେତେକ କ୍ଷତିଗ୍ରସ୍ତ ନିଯୁକ୍ତି ନେଇ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଥିଲେ ମଧ୍ୟ ଏମସିଏଲ କର୍ତ୍ତୃପକ୍ଷ ତାଙ୍କୁ ବିଭିନ୍ନ ଆଳ ଦେଖାଇ ନିଯୁକ୍ତି ଦେଉନଥିବାରୁ ସେମାନେ ଖଣି ବନ୍ଦ୍ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଖଣିର ଓଭରବର୍ଡନ କାର୍ଯ୍ୟ ଚାଲୁ ନାହିଁ ଯାହାଫଳରେ କୋଇଲା ଉତ୍ପାଦନ ମଧ୍ୟ ହୋଇ ପାରୁନାହିଁ। ତେଣୁ କୋଇଲା ଉତ୍ପାଦନ ବନ୍ଦ ରହିଲେ ନାଲକୋ ଓ ଏନଟିପିସିକୁ କୋଇଲା ଯୋଗାଣ ବାଧାପ୍ରାପ୍ତ ହେବା ସହ ଶ୍ରମିକ ଓ କର୍ମଚାରୀଙ୍କ ରୋଜିରୋଟି ଓ ରୋଜଗାର ଉପରେ ପ୍ରଭାବ ପକାଇବ ବୋଲି କର୍ମଚାରୀ ମାନେ କହିଛନ୍ତି।

## ୧୦୦୦ ଚୌକା ମାରି ଇତିହାସ ରଚିଲେ କୋହଲି

ନୂଆଦିଲ୍ଲୀ,୧୦।୪: ବିରାଟ କୋହଲି ଆଇପିଏଲ ୨୦୨୫ ରେ ଇତିହାସ ରଚିଛନ୍ତି। ସେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୨୨ ରନର ଏକ ଇନିଂସ ଖେଳିଥିଲେ। ଏହି ସମୟ ମଧ୍ୟରେ, କୋହଲି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ବ୍ୟାଟିଂ କରୁଥିବା ସମୟରେ ଦୁଇଟି ଛକା ଏବଂ ଗୋଟିଏ ଚୌକା ମାରିଥିଲେ। ଏହି କାରଣରୁ ବିରାଟ ଆଇପିଏଲରେ ୧୦୦୦ ଚୌକା ଛୁଇଁଥିଲେ। ସେ ଏପରି କରିବାରେ ଆଇପିଏଲ ଇତିହାସର ପ୍ରଥମ ଖେଳାଳି। ବିରାଟ କୋହଲି ଆଇପିଏଲରେ କେବଳ ଆରସିବି ପାଇଁ ମ୍ୟାଚ ଖେଳିଛନ୍ତି। ସେ ୨୦୦୮ ମସିହାରୁ ୨୪୮ଟି ମ୍ୟାଚ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୭୨୧ଟି ଚୌକା ଏବଂ ୨୭୯ଟି ଛକା ମାରିଛନ୍ତି। ଏହିପରି ଭାବରେ, ବିରାଟ ଏକ ହଜାର ଚୌକା ପୂରଣ କରିଛନ୍ତି। ସେ ଏପରି କରିବାରେ ଇତିହାସର ପ୍ରଥମ ଖେଳାଳି। ଏହି ତାଲିକାରେ ଶିଖର ଧାୱନ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଧାୱନ ଆଇପିଏଲରେ ୯୨୦ଟି ଚୌକା ମାରିଛନ୍ତି। ଆଇପିଏଲରେ ସର୍ବାଧିକ ଚୌକା ମାରିଥିବା ଶ୍ରେଷ୍ଠ ପାଞ୍ଚ ଖେଳାଳିଙ୍କ ତାଲିକାରେ ତିନି ଜଣ ଭାରତୀୟ ଖେଳାଳି ଅଛନ୍ତି। କୋହଲି ଏବଂ ଧାୱନଙ୍କ ସହିତ ରୋହିତ ଶର୍ମା ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ରୋହିତ ଆଇପିଏଲରେ ୨୫୬ଟି ମ୍ୟାଚ ଖେଳି ସାରିଛନ୍ତି। ସେ ୨୮୨ଟି ଛକା ଏବଂ ୬୦୩ଟି ଚୌକା ମାରିଛନ୍ତି। ରୋହିତ ମୋଟ ୮୮୫ଟି ଚୌକା ମାରିଛନ୍ତି।

## ପୁଣି ଓଡ଼ିଶା ପାଇଁ କ୍ରିକେଟ ଖେଳିବେ ଶୁଭ୍ରାଂଶୁ ସେନାପତି: ଓସିଏ ସଂପାଦକ

**କଟକ,୧୦/୪(ନିପ୍ର):** ରାଜ୍ୟକୁ ପୁଣି ଫେରିବେ କ୍ରିକେଟର ଶୁଭ୍ରାଂଶୁ ସେନାପତି । ଓଡ଼ିଶା କ୍ରିକେଟ ଜଗତର ପ୍ରତିଭାବାନ ଖେଳାଳୀ ଶୁଭ୍ରାଂଶୁ ସେନାପତି ପୁଣିଥରେ ନିଜ ରାଜ୍ୟକୁ ଫେରିବାକୁ ଯାଉଛନ୍ତି ବୋଲି ଓସିଏ ସଂପାଦକ ସଂଜୟ ବେହେରା ଗୁରୁବାର ସୂଚନା ଦେଇଛନ୍ତି ସେ କହିଛନ୍ତି ଯେ, ଗତ ବର୍ଷ ଓଡ଼ିଶା କ୍ରିକେଟ ଛାଡ଼ି ଶୁଭ୍ରାଂଶୁ ମଧ୍ୟପ୍ରଦେଶ କ୍ରିକେଟ ଦଳ ସହିତ ଯୋଗ ଦେଇଥିଲେ । ପାଖାପାଖି ଗୋଟିଏ ସିଜିନ ମଧ୍ୟପ୍ରଦେଶ ପକ୍ଷରୁ ଶୁଭ୍ରାଂଶୁ ଖେଳି ସାରିଛନ୍ତି। ଏବେ ସେ ଓଡ଼ିଶାକୁ ଫେରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଶୁଭ୍ରାଂଶୁ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏସନକୁ ନୋ ଅବଜେକସନ ସାର୍ଟିଫିକେଟ (ଏନଓସି) ପାଇଁ ଆବେଦନ କରିଥିଲେ । ଏହି ଏନଓସି ମିଳିବା ପରେ ଶୁଭ୍ରାଂଶୁ ଓଡ଼ିଶା କ୍ରିକେଟ ଦଳ ସହିତ ପୁଣି ଥରେ ଯୋଗ ଦେବେ ବୋଲି ଓସିଏ ସଂପାଦକ ସଂଜୟ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା କ୍ରିକେଟ ଜଗତର ଏହି ଯୁବ ତାରକାଙ୍କ ଖେଳ ଓ ପ୍ରଦର୍ଶନ ଦେଖି ଆଇପିଏଲ ଫ୍ରାଞ୍ଚାଇଜ ଚେନ୍ନାଇ ସୁପରକିଙ୍ଗସ ନିଜ ଦଳରେ ଶୁଭ୍ରାଂଶୁଙ୍କୁ ସାମିଲ କରିଥିଲା । ହେଲେ ୨୦୨୫ ସିଜିନ ପାଇଁ ମେଗା ଅକ୍ସନ ପୂର୍ବରୁ ଶୁଭ୍ରାଂଶୁଙ୍କୁ ଚେନ୍ନାଇ ସୁପରକିଙ୍ଗ ଦଳ ରିଲିଜ କରିଦେଇଥିଲା । ଏପର୍ଯ୍ୟନ୍ତ ଶୁଭ୍ରାଂଶୁ ୫୭ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିବାବେଳେ ୩୨୧୮ ରନ ସଂଗ୍ରହ କରିଛନ୍ତି । ଯେଉଁଥିରେ ତାଙ୍କର ସର୍ବଶ୍ରେଷ୍ଠ ସ୍କୋର ୨୭୭ରହିଛି ।



କେନ୍ଦୁଝରରେ ଆୟୋଜିତ ସର୍ବଭାରତୀୟ ସବ୍ ଜୁନିଅର ହ୍ୟାଣ୍ଡ ବଲ୍ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ- ଦିନଲିପି)



କେନ୍ଦୁଝର କାଳିତୀର୍ଥ ପଡ଼ିଆଠାରେ ଆୟୋଜିତ ଗାୟତ୍ରୀ ଯଜ୍ଞରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଗଦାନ

## ତ୍ରିଦିବସୀୟ ଥେରାପି ଶିବିର ଉଦ୍‌ଘାଟିତ

**ନିମାପଡ଼ା, ୧୦।୪ (ନିପ୍ର):** ଦିବ୍ୟାଙ୍ଗ, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଯୋଜନା ପକ୍ଷରୁ ତ୍ରିଦିବସୀୟ ଥେରାପି ଶିବିର ଗୋପିନାଥପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ୍ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରତିଭା ମହାନ୍ତି, ସଦର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀଧର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଭୌତିକ, ବାକ୍ ତାଲିମ୍, ଦୈନନ୍ଦିନ ଜୀବନରେ ଉତ୍ତମ ଆଚରଣ ଆଦି ସଂପର୍କରେ ଜ୍ଞାନକୌଶଳ ପ୍ରଦାନ କରି ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆଗକୁ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଶିବିର ଆୟୋଜନ କରାଯାଇଥିବା ବେଳେ ଫିଜିଓଥେରାପିଷ୍ଟ ବିଏସ୍ ଶୁଭ୍ରଦୀପ ସ୍ୱାଇଁ, ସ୍ପିଚ୍ ଥେରାପିଷ୍ଟ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ବିଭିନ୍ନ ସଂକେତ ମାଧ୍ୟମରେ ଜ୍ଞାନ ପ୍ରଦାନ କରିଥିଲେ ।

## ପାରିପାର୍ଶ୍ୱିକ ଅଞ୍ଚଳର ଚାଷୀଙ୍କୁ ମିଳିବ ଅତ୍ୟାଧୁନିକ କୃଷି ଉପକରଣ




**ଯୋଡ଼ା, ୧୦/୪(ନିପ୍ର):** ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ପାରିପାର୍ଶ୍ୱିକ ଅଞ୍ଚଳରେ ରହୁଥିବା ଅତି କ୍ଷୁଦ୍ର ଚାଷୀଙ୍କ ବିକାଶ ପାଇଁ ଜିନ୍ଦଲ ଏଜୁକେଶନ ଏଣ୍ଡ ୱେଲଫେୟାର ସୋସୋଇଟି ପକ୍ଷରୁ ଦେଓଝର ପଞ୍ଚାୟତ ଶିଆଳିଯୋଡ଼ା ଗ୍ରାମର 'ଜୟ ମା' ବୁରୁ କୃଷକ କ୍ଲବ' ସହ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଜେଇଡବ୍ଲୁଏସର ସମ୍ପାଦକ ଉର୍ଜିଲ ଲାକ୍ରା ଓ କୃଷକ କ୍ଲବର ସଭାପତି ପାଣ୍ଡିଆ ମୁଣ୍ଡା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଅନୁସାରେ ଅତି କ୍ଷୁଦ୍ର ଚାଷୀମାନଙ୍କୁ ଅତ୍ୟାଧୁନିକ କୃଷି ପଦ୍ଧତି ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଯଥା; ଟ୍ରାକ୍ଟର, ଟ୍ରଲି, ରୋଟାଭେଟର ଓ ମଲ୍ଟି କ୍ରପ ଥ୍ରେସପର ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ ଜେଇଡବ୍ଲୁଏସ ପକ୍ଷରୁ ଏହିସବୁ ଉପକରଣ ଯୋଗାଇ ଦିଆଯିବ। ଏହି ଚୁକ୍ତି ଦ୍ୱାରା ଉତ୍ପାଦନ ବୃଦ୍ଧି ହେବା ସହ ଚାଷୀମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ଏହା ସହିତ ଚାଷୀମାନଙ୍କ ଉପରୁ ଶ୍ରମ ବୋଝ ମଧ୍ୟ ହ୍ରାସ ପାଇବ ଓ ସେମାନଙ୍କ ବିକାଶ ହେବ ବୋଲି ଉଭୟ ପକ୍ଷ ଆଶାବାଦୀ ଅଛନ୍ତି।

## ୧୩ରେ ମେଗା ସ୍ୱାସ୍ଥ୍ୟସେବା ଶିବିର

**ନିରାକାରପୁର,୧୦/୪(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଟାଙ୍କୋଳ ଦୟାଣା ଚୋରିଯାତ୍ରା ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେରଣା ତରଫରୁ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଏହି ସ୍ୱାସ୍ଥ୍ୟ ଶିବିରରେ ହାଇଟେକ୍ ମେଡିକାଲ କଲେଜ ଓ ହସପିଟାଲ, ଦି ଲିଙ୍କ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ରବିବାର ୧୩ ତାରିଖ ସକାଳ ୮ ଠାରୁ ଦିନ ୩ ଟା ପର୍ଯ୍ୟନ୍ତ ଯାତ୍ରା ପଡ଼ିଆ ସ୍ଥିତ ଉଦୟନାଥ ସ୍ମୃତି ସେବା ଭବନରେ ଆୟୋଜିତ କରାଯିବ। ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ ମେଡିସିନ, ଅର୍ଥୋପେଡିକ, ଗାଇନିକ, ଇଏନଟି, ଚର୍ମ, ଦାନ୍ତ ଓ ଶିଶୁ ରୋଗ ବିଭାଗ ଡାକ୍ତରମାନେ ଉପସ୍ଥିତ ରହି ୨ହଜାରରୁ ଅଧିକ ରୋଗୀଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ଜଣାପଡିଛି। ଅନୁଷ୍ଠିତ ପ୍ରେସ୍‌ମିଟରେ ଅନୁଷ୍ଠାନର ମୁଖ୍ୟ ତଥା ଦି ଲିଙ୍କ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠାତା ରୋଟାରୀୟାନ ଡ ଆଲୋକ କୁମାର ସାହୁ ଜଣାଇଛନ୍ତି ।

## ଦଣ୍ଡନାଚରେ ଚଳଚଞ୍ଚଳ ରମ୍ଭା ସହର

**ରମ୍ଭା, ୧୦/୪(ନିପ୍ର):** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡନାଚରେ ଚମକୁଛି ରମ୍ଭା ଅଞ୍ଚଳ । ଏବେ ଗାଁ ଗହଳିରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଦଳଦଳ ହୋଇ ମାନସିକଧାରୀ ଦଣ୍ଡୁଆମାନେ ଦଣ୍ଡନାଚ ଦେଖାଉଛନ୍ତି। ଆଗକୁ ଆସୁଛି ମହାବିଷୁବ ସଂକ୍ରାନ୍ତି। ପରମ୍ପରା ଅନୁଯାୟୀ ଏହି ସଂକ୍ରାନ୍ତି ପର୍ଯ୍ୟନ୍ତ ୨୧ ଦିନ, ୧୮ ଦିନ ଅବା ୧୩ ଦିନ ପୂର୍ବରୁ ରମ୍ଭା ଅଞ୍ଚଳରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଦେଖିବାକୁ ମିଳୁଛି । ପ୍ରତି ଅଞ୍ଚଳର ଦଣ୍ଡୁଆ ଦଳ ନିଜନିଜ ସ୍ଥାନର କାଳୀମନ୍ଦିରରେ ପୂଜାର୍ଚ୍ଚନା କରି ବାହାରିଥାନ୍ତି। ସଂକ୍ରାନ୍ତି ଦିନ ସେହି ମନ୍ଦିରକୁ ପୁଣିଥରେ ଫେରିଥାନ୍ତି। ନୀତିକାନ୍ତି ପ୍ରକାରେ ଯାତ୍ରା ଉଦ୍‌ଯାପିତ କରିଥାନ୍ତି। ସ୍ୱପ୍ନେଶ୍ୱର ଦଣ୍ଡ ମଧ୍ୟ ନିଜର କମାଲ ଦେଖାଇ ଆସୁଛି । ଦଣ୍ଡୁଆମାନେ ପ୍ରତିଦିନ ଅତ୍ୟନ୍ତ ନିଷ୍ଠାର ସହ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ଅଗ୍ନି ଦଣ୍ଡ ଖେଳିଥାନ୍ତି। ତେବେ ଏହାରି ମଧ୍ୟରେ ଏବେ ଦଣ୍ଡୁଆମାନଙ୍କ ଢ଼ୋଲ, ମହୁରୀ ଓ ନାଚଗୀତରେ କମ୍ପି ଉଠୁଛି ରମ୍ଭା ସହର ଆଖପାଖ ଅଞ୍ଚଳ । ଏହି ସମୟରେ ନିଜ ଶରୀରକୁ ପୀଡ଼ା ଦେଇ ମାନସିକଧାରୀମାନେ ମୁନିଋଷିରୂପେ ଜୀବନ ଧାରଣ କରିଥାନ୍ତି। ଅନ୍ୟପଟେ ଏହି ବ୍ରତକୁ ନେଇ ବହୁଜଣଙ୍କର ବିଶ୍ୱାସ ମଧ୍ୟ ରହିଛି। ଦିନ ସମୟରେ ଦଣ୍ଡନାଚ କରିବା ପରେ ରାତିରେ ମନୋରଞ୍ଜନ ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ଦିନରେ ମାନସିକଧାରୀ ଭକ୍ତଙ୍କ ଘର ସମ୍ମୁଖରେ ଦଣ୍ଡୁଆମାନେ ପାଣି ଢ଼ାଳି ଧୂଳିଦଣ୍ଡ ପରିବେଷଣ କରିଥାନ୍ତି। ପରେ ଜଳାଶୟରେ ପାଣି ଦଣ୍ଡ କରିଥାନ୍ତି। ପରମ୍ପରା ଅନୁଯାୟୀ ରାତିରେ ପାଟଭକ୍ତ ପରଭା ଧରି କାଳିସୀ ନୃତ୍ୟ ପରିବେଷଣ କରିବା ପରେ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଗଞ୍ଜାମ ଜିଲ୍ଲାର ଐତିହାସିକ ଓ ଆଧାତ୍ମିକ ଲୋକ ନୃତ୍ୟ କହିଲେ ଦଣ୍ଡନାଚକୁ ବୁଝାଏ। ପ୍ରତିବର୍ଷ ରମ୍ଭା ଅଞ୍ଚଳରେ ଏହି ପର୍ବକୁ ଖୁବ ଧୂମଧାମରେ ପାଳନ କରାଯାଏ। ଏହିଚ ପୂଜାରେ ଶିବ ଓ କାଳୀଙ୍କୁ ଏକାଠି ପୂଜା କରାଯାଏ ।

## ଗାଁ କୁ ଚାଲ ଅଭିଯାନରେ ସାଂସଦ ବୈଜୟନ୍ତ ପଣ୍ଡା

କେନ୍ଦ୍ରାପଡ଼ା, ୧୦/୪(ନିପ୍ର): ରାଜନଗର, କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀଗସ୍ତ କରିଛନ୍ତି କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ପ୍ରଥମେ ସାଂସଦ ପହଞ୍ଚିବା ପରେ ବିଜେପି କର୍ମୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ଗାଁକୁ ଚାଲ ଅଭିଯାନରେ ଚନ୍ଦନ ନଗର ହାଇସ୍କୁଲରେ ପହଞ୍ଚି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ସାଂସଦ ଅଢ଼ାଯୋଡି ସିଏଚସି, ପହଞ୍ଚି ଡାକ୍ତର ଓ ରୋଗୀମାନେ କିପରି ସେବା ପାଉଛନ୍ତି କି ନାହିଁ ଆଲୋଚନା କରିଥିଲେ। ବନ୍ତ ଗାଁରେ ବୁଥ୍ କାର୍ଯ୍ୟକ୍ରମରେ ଯୋଗଦେଇ ବୁଥ୍‌ସ୍ତରୀୟ କର୍ମୀମାନଙ୍କ ସହିତ ବୈଠକ କରିଥିଲେ। ପରେ ପରେ ଚନ୍ଦନ ନଗର ପଞ୍ଚାୟତର ବିଭିନ୍ନ ଗାଁ ଅଢାଯୋଡ଼ି, ଗୋପ୍ତିରା, ବନ୍ତ ଏବଂ ଚନ୍ଦନ ନଗର ଜନ ସଚେତନା ଶୋଭାଯାତ୍ରାରେ ସାମିଲ ହୋଇ ଚନ୍ଦ୍ରମଉଳି ମନ୍ଦିର ପାଖରେ ଏକ ଲାଭାର୍ଥି ବୈଠକରେ ଯୋଗ ଦେଇଥିଲେ ।

## ଡଲ୍‌ଫିନ ସୁରକ୍ଷା: ଫେରିଲେ ୮୦ ଡଲ୍‌ଫିନ ମିତ୍ର



**କୋଣାର୍କ,୧୦/୪(ନିପ୍ର):** ପୁରୀ ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିନସ୍ଥ ୪ ରେଞ୍ଜର ୮୦ ଜଣ ଡଲଫିନ ମିତ୍ର ଚିଲିକା ପରିଦର୍ଶନ କରିବା ସହିତ ଡଲ୍‌ଫିନ ସୁରକ୍ଷା ସମ୍ପର୍କରେ ଡଲ୍‌ଫିନମାନଙ୍କୁ ପ୍ରାକ୍ଟିକାଲ ତାଲିମ ପ୍ରଦାନ କରାଯାଇଥିବା ଜଣାପଡିଛି। ଖବରରୁ ପ୍ରକାଶ ଯେ ଡଲ୍‌ଫିନମାନେ ହେଉଛନ୍ତି ମଣିଷର ବନ୍ଧୁ। ସେମାନଙ୍କର ସୁରକ୍ଷା ମାନବ ସମାଜର ଏକ ନୈତିକ ଦାୟିତ୍ୱ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ସୂଚନାଯୋଗ୍ୟ ଯେ କୋଣାର୍କ, ବ୍ରହ୍ମଗିରି, ବାଲୁଖଣ୍ଡ ଓ ଅସ୍ତରଙ୍ଗ ଆଦି ୪ ଗୋଟି ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୮୦ ଜଣ ଯୁବ ସ୍ୱେଚ୍ଛାସେବୀଙ୍କୁ ବିରଳ ପ୍ରଜାତିର ପ୍ରାଣୀ ଡଲଫିନମାନଙ୍କ ସୁରକ୍ଷା ନିମନ୍ତେ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଡଲ୍‌ଫିନ ମିତ୍ର ଭାବେ ବନବିଭାଗ ପକ୍ଷରୁ ଚୟନ କରାଯାଇଥିଲା। ଏହି ଡଲଫିନ ମିତ୍ରମାନଙ୍କୁ ଚିଲିକା ଓ ସାତପଡ଼ା ପରିଦର୍ଶନରେ ନିଆଯାଇଥିଲା। ଏହି ପରିଦର୍ଶନ ଦ୍ୱାରା ଡଲଫିନ ମିତ୍ରମାନେ ଡଲଫିନ ସମ୍ପର୍କରେ ଅଧିକ ସୂଚନାପ୍ରାପ୍ତ କରିବା ସହିତ ଆଗାମୀ ଦିନରେ ଡଲଫିନ ସୁରକ୍ଷା ଓ ସଂରକ୍ଷଣ ଦିଗରେ ସହାୟକ ହେବ ବୋଲି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ପ୍ରକାଶ କରିଛନ୍ତି। ଗୁରୁବାର ପୂର୍ବାହ୍ନ ସମୟରେ ଡଲଫିନ ମିତ୍ରମାନଙ୍କୁ ଏକ ବସ ଯୋଗେ ଚିଲିକା ପରିଦର୍ଶନରେ ନିଆଯାଇଥିଲା। ଏହି ପରିଦର୍ଶନ ସମୟରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟର ଫରେଷ୍ଟର ଯୋଗେନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ଭାବଗ୍ରାହୀ ସେଠୀ, ଅସ୍ତରଙ୍ଗ ବନ୍ୟ ପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟର ଫରେଷ୍ଟର ବବୁଲ ମଲ୍ଲିକ, ଫରେଷ୍ଟର ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ବନ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ରେ ପ୍ରତିଯୋଗିତା

ପୁରୀ,୧୦/୪(ନିପ୍ର): ଏପ୍ରିଲ୍ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ରେ ଏକ ସ୍ୱାସ୍ଥ୍ୟ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଏହି ରାଲିକୁ ନିର୍ଦ୍ଦେଶକ ଡକ୍ଟର ବାବୁଲା ବେହେରା ଉଦ୍‌ଘାଟନ କରିଥିବା ବେଳେ ମୟୂରଭଞ୍ଜ ନର୍ସିଂ କଲେଜର ଅଧ୍ୟକ୍ଷା ମଧୁସ୍ମିତା ରଥ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରିୟଙ୍କା ଦେବୀ ନର୍ସିଂ କଲେଜର ଅଧ୍ୟକ୍ଷା କମଳା ପଣ୍ଡା, ପ୍ରିୟଙ୍କା ଦେବୀ ଫାର୍ମାସି କଲେଜର ଅଧ୍ୟକ୍ଷ ଆଲୋକ କୁମାର ବେହେରା, ପ୍ରିୟଙ୍କା ଦେବୀ ନର୍ସିଂ ସ୍କୁଲର ଅଧ୍ୟକ୍ଷା ପାର୍ବତୀ ପରିଡା ଓ ବରିଷ୍ଠ ଅଧ୍ୟାପକ କାଳୀ ପ୍ରସନ୍ନ ମିଶ୍ରଙ୍କ ଦ୍ୱାରା ରାଲିଟି ପରିଚାଳିତ ହୋଇଥିଲା। ରାଲି ଶେଷ ହେବା ପରେ କଲେଜ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଲାଗି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସହିତ ଯୁବପିଢ଼ିଙ୍କ ମନୋବଳ ବୃଦ୍ଧି ପାଇଥିଲା।

## ୪୦ ଲିଟର ରନ୍ଧା ଦେଶୀ ମଦ ସହ ଜଣେ ଗିରଫ

**ଆସିକା,୧୦/୪(ନିପ୍ର):** ଗଞ୍ଜାମ ଜିଲ୍ଲା ଆସିକା ଥାନା ଦନ୍ତାରୀବଗଡ଼ ଗ୍ରାମରେ ରନ୍ଧା ଦେଶୀ ମଦ ବିକ୍ରି ବେଳେ ପୋଲିସର ଚଢ଼ାଉ । ୪୦ ଲିଟର ମଦ ସହ ଗ୍ରାମର ଏ.ଶର୍ମା ନାମକ ବ୍ୟକ୍ତିକୁ ଗିରଫ କରିଛି ପୋଲିସ । ଦନ୍ତାରୀବଗଡ଼ ଗ୍ରାମରେ ଦେଶୀ ରନ୍ଧା ମଦ ବିକ୍ରି ନେଇ ଗୁରୁବାର ସକାଳେ ବିଶେଷ ସୂତ୍ରରୁ ଖବରପାଇ ଆସିକା ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆସିକା ଥାନା ଏସ ଆଇ ଆଲିସ୍ମିତା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ପୋଲିସ ୪୦ ଲିଟର ଦେଶୀ ରନ୍ଧା ମଦ ସହ ଏ ଶର୍ମା ନାମକ ବ୍ୟକ୍ତିକୁ ଗିରଫ କରି ଆସିକା ଥାନା କେସ ନମ୍ବର ୨୭୯/୨୫ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ ଅପରାହ୍ନରେ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପରେ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ଆସିକାରେ ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱଗ୍ରହଣ ପରେ ଅଞ୍ଚଳରେ ଚୋରାମଦ ବିକ୍ରି ଉପରେ ରୋକ ଲଗାଇବା ଲାଗି ନିଆଯାଉଛି ପଦକ୍ଷେପ।

## ବିକାଶମୂଳକ କାର୍ଯ୍ୟକୁ ବହି ମାଧ୍ୟମରେ ପ୍ରଦାନ କଲେ ସାଂସଦ




ଭୁବନେଶ୍ୱର, ୧୦/୪(ନିପ୍ର): କେବଳ କଥାରେ ନୁହେଁ, ଦେଇଥିବା କଥାକୁ କାମରେ ପରିଣତ କରି ଦେଖାଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନିର୍ବାଚନ ପ୍ରଚାର ସମୟରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ଗୋଟିଗୋଟି କରି ବାସ୍ତବତାର ରୂପ ଦେବାରେ ଲାଗିଛନ୍ତି ଅପରାଜିତା । ଯାହାର ସବିଶେଷ ତଥ୍ୟକୁ ଭୋଟରଙ୍କ ସାମ୍ନାରେ ରଖିଛନ୍ତି ସେ । ଗୁରୁବାର ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜିବୀଙ୍କୁ ନେଇ ଆୟୋଜିତ ଏକ ବୈଠକରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିକାଶ କାର୍ଯ୍ୟ ନାମକ ଏକ ବୁକଲେଟ୍ ବାଣ୍ଟିଛନ୍ତି ଅପରାଜିତା । ଯେଉଁଥିରେ ଗତ ୬ ମାସ ମଧ୍ୟରେ ସାଂସଦ ହିସାବରେ ଲୋକଙ୍କ ଲାଗି କଣକଣ ବିକାଶମୂଳକ ପଦକ୍ଷେପ ନେଇଛନ୍ତି ତାର ଏକ ଲମ୍ବା ତାଲିକା ପ୍ରଦାନ କରିଛନ୍ତି । ୧୮ ପେଜ୍ ବିଶିଷ୍ଟ ଏହି ବୁକଲେଟରେ ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଜୟଦେବ, ଖୋର୍ଦ୍ଧା, ଜଟଣୀ, ବେଗୁନିଆ ନିର୍ବାଚନ ମଣ୍ଡଳୀଓ୍ୱାରି ଜାରି ରହିଥିବା ବିକାଶମୂଳକ କାର୍ଯ୍ୟର ତଥ୍ୟ ରଖାଯାଇଛି । ମୋଟ ଶହେ ଜଣଙ୍କୁ ଏହି ବୁକ୍‌ଲେଟ୍ ପ୍ରଦାନ କରାଯାଇଛି । ଯେଉଁଥିରେ ସହିଦ ନଗରଠାରେ ସ୍ଥାୟୀ ହାଟଠୁ ଆରମ୍ଭ କରି ସତସଙ୍ଗ ବିହାର ନିକଟରେ ଫୁଟ୍ ଓଭରବ୍ରିଜ୍, ନୟାପଲ୍ଲୀ କମ୍ୟୁନିଟି ପାର୍କ ନିର୍ମାଣ ଲାଗି ଜମି ପ୍ରଦାନ, ଅତ୍ୟାଧୁନିକ ଫିସ୍ ମାର୍କେଟ୍ ଓ ମଣ୍ଡି ଲାଗି ଜମି ପ୍ରଦାନ ସହ କାର୍ଯ୍ୟ ଆରମ୍ଭ, ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ସଂସ୍କୃତି ହଲ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ, ଖୋର୍ଦ୍ଧା ଟାଉନ ବାଇପାସ୍, ଜଟଣୀରେ କ୍ୟାନ୍ସର ହସପିଟାଲ ସ୍ଥାପନ ଭଳି ଉନ୍ନତିମୂଳକ ପଦକ୍ଷେପ ମାନଙ୍କର ସବିଶେଷ ତଥ୍ୟ ରହିଛି । ସେହିଭଳି ବାଲିଅନ୍ତା ଯଶୁଆପୁରରେ ହେଲ୍ଥ-ସବ୍-ସେଣ୍ଟର ଉଦ୍‌ଘାଟନ ହେଉ କି ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତରେ ୨୫୦ କୋଟି ବ୍ୟୟରେ ନିର୍ମାଣ ହୋଇଥିବା ସିଲେଇ ଶିଳ୍ପ ସମ୍ପର୍କରେ ମଧ୍ୟ ତଥ୍ୟ ରଖିଛନ୍ତି ଅପରାଜିତା ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ